Bhubaneswar- 14 may 2026
ଭୁବନେଶ୍ୱର- ୧୪ ମେ’ ୨୦୨୬
Vol-1 Issue -18
ଭାଗ- ୧ ସଂଖ୍ୟା- ୧୮
www.pratishabda.com
Email : pratishabda7@gmail.com
Also Available In : YouTube

ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<<ଯୋଗାଯୋଗ>>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

ପ୍ରକାଶ ପାଇଲା ସିବିଏସ୍‌ଇ ଦ୍ୱାଦଶ ରେଜଲ୍ଟ
ପାସ ହାର ୮୫.୨୦% : ଛାତ୍ରୀ ଆଗରେ

- ଛାତ୍ରୀଙ୍କ ପାସ୍ ହାର ୮୮.୮୬%,ଛାତ୍ରଙ୍କ ୮୨.୧୩%
- ପାସ୍ ହାର ୩% କମିଲା, ସମସ୍ତ ଟ୍ରାନ୍ସଜେଣ୍ଡର ପାସ୍
- ୧୭,୧୧୩ ଜଣ ପିଲା ୯୫%ରୁ ଅଧିକ ମାର୍କ ରଖିଛନ୍ତି
- ଭୁବନେଶ୍ୱର ରିଜିଅନ୍‌ର ପାସ୍‌ହାର ୮୧.୭୧%

ନୂଆଦିଲ୍ଲୀ: ପ୍ରକାଶ ପାଇଛି ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ରେଜଲ୍ଟ। ଚଳିତ ବର୍ଷ ପ୍ରାୟ ୧୮ ଲକ୍ଷ ଶିକ୍ଷାର୍ଥୀ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇଥିଲେ। ଏବେ ସେମାନେ ରେଜଲ୍ଟ ଡ଼ଟ ସିବିଏସଇ ଡ଼ଟ ଏନଆଇସି ଡ଼ଟ ଇନ , ଡିଜିଲକର ଓ ଉମଙ୍ଗ ଆପ୍‌ରେ ନିଜର ରେଜଲ୍ଟ ଦେଖିପାରିବେ। ଚଳିତ ବର୍ଷ ପାସ ହାର ୮୫.୨୦% ରହିଛି। ଏହା ଗତବର୍ଷ ତୁଳନାରେ ୩.୧୯% କମ। ଗତବର୍ଷ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀର ପାସ ହାର ୮୮.୩୯% ରହିଥିଲା। ଅର୍ଥାତ ଏଥର ପାସ ହାର କମି ଯାଇଛି। ୨୦୨୬ରେ ପୁଣି ଥରେ ପୁଅଙ୍କୁ ପଛରେ ପକାଇଛନ୍ତି ଝିଅ। ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ ହାର ଅଧିକ ରହିଛି। ଛାତ୍ରୀଙ୍କ ମୋଟ ପାସ୍ ହାର ୮୮.୮୬% ରହିଥିବା ବେଳେ ଛାତ୍ରଙ୍କ ପାସ ହାର ୮୨.୧୩% ରହିଛି। ଚଳିତ ବର୍ଷ ୧୭,୧୧୩ ଜଣ ପିଲା ୯୫%ରୁ ଅଧିକ ମାର୍କ ରଖିଛନ୍ତି। ୯୦%ରୁ ଅଧିକ ମାର୍କ ରଖିଥିବା ପିଲାଙ୍କ ସଂଖ୍ୟା ୯୪,୦୨୮। ସବୁଠାରୁ ଉଲ୍ଲେଖନୀୟ ବିଷୟ ହେଉଛି ଯେ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇଥିବା ସମସ୍ତ ତୃତୀୟ ଲିଙ୍ଗ ଶିକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଅର୍ଥାତ ସେମାନଙ୍କ ପାସ ହାର ୧୦୦% ରହିଛି। ରିଜନ ସ୍ତରରେ ପରୀକ୍ଷା ରେଜଲ୍ଟକୁ ବିଚାର କଲେ ସବୁ ଥର ଭଳି ଏଥର ମଧ୍ୟ ତ୍ରିବେନ୍ଦ୍ରମ ୧ ନଂରେ ରହିଛି। ଏହି ରିଜନରେ ପାସ୍ ହାର ରେକର୍ଡ ୯୫,୬୨% ରହିଛି। ଏହା ପଛକୁ ଚେନ୍ନାଇରେ ପାସ ହାର ୯୩.୮୪%, ବେଙ୍ଗାଲୁରୁରେ ୯୩.୧୯%, ଦିଲ୍ଲୀ ୱେଷ୍ଟରେ ୯୨.୩୪%, ଦିଲ୍ଲୀ ଇଷ୍ଟରରେ ୯୧.୭୩% ପିଲା ପାସ୍ କରିଛନ୍ତି। ସବୁଠାରୁ କମ ପିଲା ପାସ କରିଥିବା ରିଜନ ହେଉଛି ପ୍ରୟାଗରାଜ। ଏଠାରେ ପାସ ହାର ମାତ୍ର ୭୨.୪୩% ରହିଛି। ସେହିପରି ଭୁବନେଶ୍ୱର ରିଜିଅନ୍‌ରେ ଚଳିତ ବର୍ଷ ସରକାରୀ ସହାୟତା ପ୍ରାପ୍ତ ବିଦ୍ୟାଳୟ, ସରକାରୀ ବିଦ୍ୟାଳୟ, ସ୍ୱାଧୀନ (ଘରୋଇ ପରିଚାଳନା), ଜବାହର ନବୋଦୟ ବିଦ୍ୟାଳୟ (ଜେଏନ୍‌ଭି), କେନ୍ଦ୍ରୀୟ ବିଦ୍ୟାଳୟ ଓ ଇଏମ୍‌ଆରଏସ୍, ଘରୋଇ (ସମସ୍ତ ପାଠ୍ୟକ୍ରମ) ମିଶାଇ ୮୭ହଜାର ୯୫୫ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪୯ହଜାର ୧୧୮ଜଣ ବାଳକ ଓ ୩୮ହଜାର ୮୩୭ଜଣ ବାଳିକା। ୮୭,୧୦୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ ଓ ମୋଟ ୭୧,୧୭୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବାଳକଙ୍କ ପାସ୍‌ହାର ୭୯.୧୫ ପ୍ରତିଶତ ଓ ବାଳିକାଙ୍କ ୮୨.୧୯ ପ୍ରତିଶତ ରହିଛି। ଭୁବନେଶ୍ୱର ରିଜିଅନ୍‌ରେ ୯୦୩ଟି ସ୍କୁଲର ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୪୨୧ଟି ପରୀକ୍ଷା କେନ୍ଦ୍ର ଗଠିତ ହୋଇଥିଲା।। ବିଦେଶ ସ୍କୁଲରେ ପାସ ହାର ଯଥେଷ୍ଟ ହ୍ରାସ ପାଇଛି। ଗତବର୍ଷ ତୁଳନାରେ ଚଳିତ ବର୍ଷ ବିଦେଶ ସ୍କୁଲରେ ପାସ ହାର ଅତ୍ୟନ୍ତ ନିରାଶ କରିଛି। ୨୦୨୫ରେ ବିଦେଶ ସ୍କୁଲରେ ପାସ ହାର ୯୫.୦୧% ରହିଥିଲା।

ଦେଶରେ ତୈଳସଙ୍କଟ ଜଳଜଳ
ରାଜ୍ୟବାସୀଙ୍କୁ ପରାମର୍ଶ ଦେଲେ ମୁଖ୍ୟମନ୍ତ୍ରୀ

- ଅଧିକ ମାତ୍ରାରେ ସର୍ବସାଧାରଣ ଗାଡ଼ି ବ୍ୟବହାର କରନ୍ତୁ
- ବ୍ୟକ୍ତିଗତ ଗାଡ଼ିରେ ଯିବାଆସିବା କମ୍ କରନ୍ତୁ
- କମିଲା ମୁଖ୍ୟମନ୍ତ୍ରୀଙ୍କ କାରକେଡ଼ ଗାଡ଼ି

ଭୁବନେଶ୍ୱର : ମଧ୍ୟପ୍ରାଚ୍ୟର ପ୍ରଭାବ ସାରା ବିଶ୍ୱରେ ପଡ଼ିଥିବା ବେଳେ ଭାରତ ମଧ୍ୟ ଏଥିରୁ ବାଦ ପଡ଼ିନି । ଏହି ଯୁଦ୍ଧର ସିଧାସଳଖ ପ୍ରଭାବ ଭାରତ ଉପରେ ପଡ଼ିଛି । ଫଳରେ ଭାରତରେ ଇନ୍ଧନ ଠାରୁ ତୈଳ ସଙ୍କଟ ଜଳଜଳ ହୋଇ ଦେଖାଯାଉଛି । ଏହି ସଙ୍କଟରୁ ବର୍ତ୍ତିବାପାଇଁ ପ୍ରଧାନମନ୍ତ୍ରୀ ଦୁଇଦୁଇ ଥର ଦେଶବାସୀଙ୍କୁ ପେଟ୍ରୋଲ ଓ ଗ୍ୟାସର ବ୍ୟବହାରକୁ କମାଇବାକୁ ଅପିଲ କରିଛନ୍ତି । କେବଳ ସେତିକି ନୁହେଁ ସୁନା ଏକ ବର୍ଷ ପାଇଁ ନ କିଣିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି । ଇଭି ଗାଡ଼ିର ବ୍ୟବହାର ଉପରେ ଗୁରୁତ୍ୱ ଦେଇ ପ୍ରଧାନନ୍ତ୍ରୀ କହିଛନ୍ତି ଏହି ବିପଦ ସମୟରେ ଦେଶବାସୀ ଏକଜୁଟ ହୋଇ ସଙ୍କଟକୁ ଟାଳିବାକୁ ଚେଷ୍ଟା କରିବା ଉଚିତ । ଏହାକୁ ନେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମଧ୍ୟ ରାଜ୍ୟବାସୀ ଙ୍କୁ ପେଟ୍ରୋଲ ଓ ଗ୍ୟାସର ବ୍ୟବହାରକୁ କମାଇବାକୁ ଅପିଲ କରିଛନ୍ତି ।ବିଶ୍ୱରେ ତୈଳ ସଂକଟ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟବାସୀଙ୍କୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି। ମଧ୍ୟପ୍ରାଚ୍ୟରେ ଜାରି ଥିବା ସଂଘର୍ଷ ସମୟରେ ଦେଶକୁ ତେଲ ଆମଦାନି ପୂର୍ବାପେକ୍ଷା ହ୍ରାସ ପାଇବା ଏବଂ ଭବିଷ୍ୟତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ପରାମର୍ଶ ଜାରି କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକେ ଅଧିକ ମାତ୍ରାରେ ସର୍ବସାଧାରଣ ଗାଡ଼ି ବ୍ୟବହାର କରନ୍ତୁ। ବ୍ୟକ୍ତିଗତ ଗାଡ଼ିରେ ଯିବାଆସିବା କମ୍ କରନ୍ତୁ। ଏହା ଦ୍ୱାରା ନିଜର ଖର୍ଚ୍ଚ ବଞ୍ଚିଯିବ। ତୈଳ ସଂକଟକୁ ସାମାନ୍ୟ ମୁକାବିଲା କରିବେ। ଏଥି ସହିତ ମୁଖ୍ୟମନ୍ତ୍ରୀ ନିଜର କାରକେଡ ଗାଡ଼ି ସଂଖ୍ୟା ହ୍ରାସ କରିଦେଇଛନ୍ତି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର କାରକେଡ ଗାଡ଼ି ସଂଖ୍ୟା ହ୍ରାସ କରିଛନ୍ତି। ସେ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକୁ ପାଳନ କରିବାକୁ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇନ୍ଧନ ସଙ୍କଟ ଯୋଗୁଁ ଇନ୍ଧନ ବ୍ୟବହାର କମ୍ କରିବାକୁ ସମ୍ପ୍ରତି ନାଗରିକମାନଙ୍କୁ ଅନୁରୋଧ କରିଥିଲେ। ସେ ଏବେ ଏହାକୁ ନିଜେ କାର୍ଯ୍ୟକାରୀ କରିବା ଆରମ୍ଭ କରିଛନ୍ତି। ସାରା ବିଶ୍ୱରେ ଯୁଦ୍ଧ ଚାଲିଥିବାରୁ, ପ୍ରଧାନମନ୍ତ୍ରୀ ଭାରତୀୟ ଜନସାଧାରଣଙ୍କୁ ଏହି ସଙ୍କଟ ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ। ସେ ବିଦେଶ ଯାତ୍ରା ଏଡାଇବା, ସୁନା ନ କିଣିବା ଏବଂ ଇନ୍ଧନ ବ୍ୟବହାର ହ୍ରାସ କରିବା ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଜାରି କରିଥିଲେ। ଏବେ, ପ୍ରଧାନମନ୍ତ୍ରୀ ନିଜେ ଜନସାଧାରଣଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ସେ ତାଙ୍କ କାଫଲାକୁ ଅଧା ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ତାଙ୍କ କନ୍‌ଭୟରେ ଗାଡ଼ି ସଂଖ୍ୟା ୫୦ ପ୍ରତିଶତ ହ୍ରାସ କରିବାକୁ ଏସ୍‌ପିଜିକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଇଲେକ୍ଟ୍ରିକ୍ ଯାନ ବ୍ୟବହାର କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ତାଙ୍କ କନ୍‌ଭୟଏବେ ପ୍ରାୟ ଅଧା ହ୍ରାସ ପାଇବ। ଏହା ସରକାରୀ ଖର୍ଚ୍ଚ ହ୍ରାସ କରିବ। ଜନସାଧାରଣଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିବା ପାଇଁ ସେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ, ଏସ୍‌ପିଜି କାର୍ଯ୍ୟରେ ଲାଗିପଡ଼ିଛି। ଏସ୍‌ପିଜି ସୁନିଶ୍ଚିତ କରୁଛି ଯେ, ଯଦିଓ କନ୍‌ଭୟ ଆକାର ହ୍ରାସ କରାଯିବ ତେବେ ସୁରକ୍ଷାରେ ଯେପରି କୌଣସି ତ୍ରୁଟି ନହେବ ଏବଂ ଆବଶ୍ୟକୀୟ ନିୟମ ପାଳନ କରାଯିବ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଦିଲ୍ଲୀ ବାହାରେ ସମ୍ପ୍ରତି ଯାତ୍ରାରେ ପ୍ରଧାନମନ୍ତ୍ରୀଙ୍କ କନ୍‌ଭୟ ଆକାର ପୂର୍ବ ଅପେକ୍ଷା ଛୋଟ ହୋଇଛି।ଏହିକ୍ରମରେ ଅନେକ ମନ୍ତ୍ରୀ ସେମାନଙ୍କ କନ୍‌ଭୟରେ ଯାନବାହାନ ସଂଖ୍ୟା ହ୍ରାସ କରିବାକୁ ଏବଂ ବିଦେଶ ଯାତ୍ରା ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅପିଲ୍ ପରେ, ଗୁଜରାଟର ଉପମୁଖ୍ୟମନ୍ତ୍ରୀ ତାଙ୍କର ଆମେରିକା ଯାତ୍ରା ବାତିଲ କରିଛନ୍ତି। ହର୍ଷ ସଂଘଭି ଚଳିତ ମାସ ଶେଷରେ ଆମେରିକାର ଫେଡେରେସନ ଅଫ୍ ଗୁଜୁରାଟୀ ଆସୋସିଏସନ ଦ୍ୱାରା ଆୟୋଜିତ ଦ୍ୱିତୀୟ ଗୁଜୁରାଟୀ ସମ୍ମିଳନୀରେ ଯୋଗଦେବାର କାର୍ଯ୍ୟକ୍ରମ ଥିଲା।

ଦୁଇଟି ଗାଡିର କାରକେଡ୍‌ରେ ବାହାରି ବୈଠକରେ ପହଁଞ୍ଚିଲେ ପ୍ରଧାନମନ୍ତ୍ରୀ

ଅନ୍ୟପଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପେଟ୍ରୋଲ ଓ ଡିଜେଲ ବଞ୍ଚାଇବା ପାଇଁ ଦେଶବାସୀଙ୍କୁ କେବଳ ଅପିଲ କରିନାହାନ୍ତି ଏହି ପଦକ୍ଷେପକୁ ନିଜଠାରୁ ଆରମ୍ଭ କରିଛନ୍ତି। ବୁଧବାର ପ୍ରଧାନମନ୍ତ୍ରୀ ନିଜ ବାସଭବନରୁ ମାତ୍ର ଦୁଇଟି ଗାଡି ନେଇ ବାହାରିଥିଲେ। ଏଭଳି କରି ପିଏମ୍ ମୋଦି ଇନ୍ଧନ ସଂରକ୍ଷଣ ଦିଗରେ ନିଜେ ଉଦାହରଣ ପାଲଟିଛନ୍ତି। ଗୋଟିଏ ଗାଡିରେ ସେ ବସିକି ବାହାରିଥିବା ବେଳେ ଅନ୍ୟ ଗୋଟିଏ ଗାଡିରେ ତାଙ୍କ ସୁରକ୍ଷାରେ ମୁତୟନ ଥିଲେ ଏସପିଜିର ସୁରକ୍ଷାକର୍ମୀ। ଏହି ଦୁଇ ଗାଡିର କାରକେଡ୍‌ରେ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ପହଁଞ୍ଚିଥିଲେ ପିଏମ୍ ମୋଦି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ହାଇଦ୍ରାବାଦରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଅପିଲ୍ କରିଥିଲେ ଦେଶବାସୀଙ୍କୁ ପେଟ୍ରୋଲ ଏବଂ ଡିଜେଲ୍ ସଞ୍ଚୟ କରିବା ଦରକାର। ଦେଶବାସୀଙ୍କୁ ଇନ୍ଧନ ଅତି ବୁଝି ବିଚାରି ବ୍ୟବହାର କରିବା ଉଚିତ। ଏହାଛଡା ବର୍ଷେ ପର୍ଯ୍ୟନ୍ତ ସୁନା ନକିଣିବାକୁ ଅପିଲ କରିଥିଲେ। ପିଏମ୍ ମୋଦିଙ୍କ ଅପିଲ ପରେ କେନ୍ଦ୍ର ସରକାରଙ୍କ ମନ୍ତ୍ରୀ ଓ ବହୁ ରାଜ୍ୟର ମୁଖ୍ୟମନ୍ତ୍ରୀ ନିଜର କାରକେଡ୍ ହ୍ରାସ କରିଛନ୍ତି। ଏହାଛଡା ଅଧିକାଂଶ ବୈଠକ ଅନଲାଇନ୍ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଓ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏଭଳି ନିଷ୍ପତ୍ତି ନେଇଛନ୍ତି।

ଓଡ଼ିଶାରେ ୭୦ ହଜାର ଲୋକଙ୍କ ମିଳୁନି ପତ୍ତା
ଏନସିଆରବି ରିପୋର୍ଟ ଖୋଲିଲା ଗୁମର

କଟକ : ଓଡ଼ିଶାରେ ନିଖୋଜ ବ୍ୟକ୍ତିଙ୍କ ସଂଖ୍ୟା ଏବେ ଚିନ୍ତାଜନକ ସ୍ଥିତିରେ । ତଥ୍ୟ କହୁଛି, ବର୍ଷ ୨୦୨୪ ସୁଦ୍ଧା ଅର୍ଥାତ୍ ପ୍ରାୟ ୧୬ ମାସ ପୂର୍ବରୁ ରାଜ୍ୟରେ ୭୦ ହଜାର ଲୋକ ନିଖୋଜ ଥିଲେ । ଏହା ଭିତରେ ଏ ସଂଖ୍ୟା ଆହୁରି ବଢିଥିବ । ଗୁରୁତ୍ୱପୂର୍ଣ୍ଣ ହେଉଛି, ଏଥିରେ କେବଳ ମହିଳା ହେଉଛନ୍ତି ୪୯ ହଜାର । ଖାଲି ସେତିକି ନୁହେଁ, ସମ୍ବେଦନଶୀଳ ଶିଶୁ ନିଖୋଜ ହାର ମଧ୍ୟ ଉଦ୍‌ବେଗଜନକ ସ୍ଥିତିରେ । ଏହି ସମୟ ମଧ୍ୟରେ ପ୍ରାୟ ୧୦ ହଜାର ଶିଶୁ ନିଖୋଜ ରହିଛନ୍ତି । ଏଭଳି ଚାଞ୍ଚଲ୍ୟକର ତଥ୍ୟ ନାସନାଲ୍ କ୍ରାଇମ୍ ରେକର୍ଡସ ବ୍ୟୁରୋ (ଏନ୍‌ସିଆର୍‌ବି) ଜାରି କରିଥିବା ସଦ୍ୟ କ୍ରାଇମ୍ ରିପୋର୍ଟରେ ପ୍ରକାଶ କରିଛି । ରାଜ୍ୟରେ ଏତେ ସଂଖ୍ୟକ ଲୋକ ନିଖୋଜ ରହିବା ଓ ସେମାନଙ୍କ ପତ୍ତା ନ ମିଳିବା ପୁଲିସର ପାରିବା ପଣିଆକୁ ପଦାରେ ପକାଇଛି । ମିଳିଥିବା ତଥ୍ୟ ଅନୁସାରେ, ୨୦୨୩ ଡିସେମ୍ବର ଶେଷ ସୁଦ୍ଧା ରାଜ୍ୟରେ ୩୭ ହଜାର ୯୨୬ ଜଣ ମହିଳା ଓ ୮ହଜାର ୨୫୦ ଜଣ ପୁରୁଷ ନିଖୋଜ ଥିଲେ । ୨୦୨୪ରେ ପୁଣି ୨୧ ହଜାର ୧୮୯ ଜଣ ମହିଳା ଓ ୬ ହଜାର ୬୪୨ ଜଣ ପୁରୁଷ ନିଖୋଜ ହେଲେ । ଅର୍ଥାତ୍ ୨୦୨୪ ଶେଷ ସୁଦ୍ଧା ମୋଟ୍ ନିଖୋଜ ସଂଖ୍ୟା ୭୪ ହଜାର ୯ରେ ପହଞ୍ଚିଥିଲା । ଏହି ବର୍ଷରେ ରାଜ୍ୟର ବିଭିନ୍ନ ଥାନା ପକ୍ଷରୁ ହୋଇଥିବା ଉଦ୍ୟମରେ ୧୦ ହଜାର ୫୬୪ ମହିଳା ଓ ୩ ହଜାର ୬୧୭ ଜଣ ପୁରୁଷଙ୍କୁ ଠାବ କରାଗଲା । ତେବେ ଏହା ବାଦ୍ ୪୮ ହଜାର ୫୫୧ ଜଣ ମହିଳା ଓ ୧୧ ହଜାର ୨୭୫ ଜଣ ପୁରୁଷଙ୍କର ପତ୍ତା ମିଳିଲା ନାହିଁ । ଏହି କ୍ରମରେ ଶିଶୁ ବା ୧୮ ବର୍ଷରୁ କମ୍ ବୟସର ପିଲାଙ୍କ ନିଖୋଜ ହାର ଚିନ୍ତାଜନକ ସ୍ଥିତିରେ ରହିଛି । ୨୦୨୪ ପୂର୍ବରୁ ଅର୍ଥାତ୍ ୨୦୨୩ ଡିସେମ୍ବର ମାସ ଶେଷ ସୁଦ୍ଧା ରାଜ୍ୟରେ ୬ ହଜାର ୪୯୭ ଜଣ ଝିଅ ଓ ୭୭୫ ଜଣ ପୁଅ ପିଲା ନିଖୋଜ ଥିଲେ । ବର୍ଷ ୨୦୨୪ରେ ପୁଣି ୫ ହଜାର ୪୨୫ ଜଣ ଝିଅ ଓ ୭୯୮ ଜଣ ପୁଅ ନିଖୋଜ ହୋଇଗଲେ । ଏହି ସମୟ ମଧ୍ୟରେ ପୁଲିସର ଛାନ୍ଭିନ୍‌ରେ ୩ ହଜାର ୪୬ ଜଣ ଝିଅ ଓ ୫୨୦ ଜଣ ପୁଅଙ୍କୁ ଠାବ କରାଯାଇଥିଲା । ହେଲେ ଏହା ବାଦ୍ ମଧ୍ୟ ୮ ହଜାର ୮୭୬ ଜଣ ଝିଅ ଓ ୧ ହଜାର ୫୩ ଜଣ ପୁଅଙ୍କର କୌଣସି ପତ୍ତା ମିଳିଲାନି ବୋଲି ଏନ୍‌ସିଆର୍‌ବି ତାର ରିପୋର୍ଟରେ ପ୍ରକାଶ କରିଛି ।

ଧାନର ଏମଏସ୍‌ପି ୭୨ ଟଙ୍କା ବଢ଼ାଇଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ: ଆସନ୍ତା ଖରିଫ ଫସଲ ପାଇଁ ଆଜି କେନ୍ଦ୍ର ସରକାର ବିଭିନ୍ନ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସ୍‌ପି) ବୃଦ୍ଧି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା ଅର୍ଥନୀତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ ଆଜି ବିଭିନ୍ନ କୃଷି ଭିତ୍ତିକ ଦ୍ରବ୍ୟର ଏମଏସ୍‌ପି ବୃଦ୍ଧି ଉପରେ ମୋହର ମାରିଛନ୍ତି। ୨୦୨୬-୨୭ ଖରିଫ ଋତୁର ୧୪ଟି ଫସଲର ଏମଏସ୍‌ପିକୁ ବୃଦ୍ଧି କରାଯାଇଛି। କ୍ୟାବିନେଟ ନିଷ୍ପତ୍ତି ଅନୁସାରେ, ଧାନର ଏମଏସ୍‌ପି ୭୨ ଟଙ୍କା ବୃଦ୍ଧି ପାଇଛି। ଏଣିକି ଚାଷୀମାନେ ଧାନ କ୍ୱିଣ୍ଟାଲ ପିଛା ଅଧିକ ୭୨ ଟଙ୍କା ପାଇବେ। ସୂର୍ଯ୍ୟମୁଖୀ ମଞ୍ଜିର ଏମଏସ୍‌ପିକୁ କେନ୍ଦ୍ର ସରକାର ସବୁଠାରୁ ଅଧିକ ବୃଦ୍ଧି କରିଛନ୍ତି। ସୂର୍ଯ୍ୟମୁଖୀ ମଞ୍ଜିର ଏମଏସ୍‌ପି କ୍ୱିଣ୍ଟାଲ ପିଛା ୬୨୨ ଟଙ୍କା ବୃଦ୍ଧି ପାଇଥିବା ବେଳେ କଟନର ଏମଏସ୍‌ପି ୫୫୭ ଟଙ୍କା, ଆଳସର ଏମଏସ୍‌ପି ୫୧୫ ଟଙ୍କା ଓ ରାଶିର ଏମଏସପି କ୍ୱିଣ୍ଟାଲ ପିଛା ୫୦୦ ଟଙ୍କା ବୃଦ୍ଧି ହୋଇଛି।କେନ୍ଦ୍ର ସରକାରଙ୍କ କହିବା କଥା ଯେ ସଂଶୋଧିତ ଏମଏସପିକୁ ୨୦୧୮-୧୯ରେ ଘୋଷଣା ଅନୁସାରେ ଧାର୍ଯ୍ୟ କରାଯାଇଛି। ସର୍ବଭାରତୀୟ ସ୍ତରରେ ଉତ୍ପାଦନ ଖର୍ଚ୍ଚର ୧.୫ ଗୁଣ ସବୁବେଳେ ଏମଏସ୍‌ପି ରହିବ ବୋଲି ନିଷ୍ପତ୍ତି ହୋଇଥିଲା। ସେହି ଅନୁସାରେ ଏବେ ଏମଏସ୍‌ପିକୁ ବୃଦ୍ଧି କରାଯାଉଥିବା ସରକାର କହିଛନ୍ତି। ୨୦୨୬-୨୭ ଖରିଫ ଋତୁରେ ଚାଷୀମାନେ କ୍ୱିଣ୍ଟାଲ ପିଛା ଧାନରେ ୨,୪୪୧ ଟଙ୍କା ପାଇବେ। ଏହା ପୂର୍ବାପେକ୍ଷା ୭୨ ଟଙ୍କା ଅଧିକ। ସାଧାରଣ ଧାନ ପାଇଁ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୨୪୪୧ ଟଙ୍କା ଓ ଗ୍ରେଡ ଏ ଧାନ ପାଇଁ ୨୪୬୧ ଟଙ୍କା ମିଳିବ।ଏହା ଉତ୍ପାଦନ ଖର୍ଚ୍ଚ ତୁଳନାରେ ୫୦%ରୁ ଅଧିକ। ଚାଷୀଙ୍କୁ ମୋଟ ୨.୬୦ ଲକ୍ଷ କୋଟି ଟଙ୍କା ଦିଆଯିବ ଓ ସେମାନଙ୍କ ଠାରୁ ବାର୍ଷିକ ୮୨୪.୪୧ ଲକ୍ଷ ଟନ ଧାନ ସଂଗ୍ରହ କରାଯିବ ବୋଲି ସରକାରଙ୍କ ପକ୍ଷରୁ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁସାରେ, ସୂର୍ଯ୍ୟମୁଖୀ ମଞ୍ଜି ବାବଦରେ ଚାଷୀମାନେ କ୍ୱିଣ୍ଟାଲ ପିଛା ୮,୩୪୩ ଟଙ୍କା ପାଇବେ, ଏହା ପୂର୍ବବର୍ଷ ତୁଳନାରେ ୬୨୨ ଟଙ୍କା ଅଧିକ। ସେହିପରି କଟନ(ମିଡିୟମ ଷ୍ଟାପ୍ଲେ) ପାଇଁ ୮,୨୬୭ ଟଙ୍କା ଓ ଲଙ୍ଗ ଷ୍ଟାପ୍ଲେ କଟନ ପାଇଁ ୮,୬୬୭ ଟଙ୍କା ମିଳିବ। ରାଶିର ଏମଏସ୍‌ପି କ୍ୱିଣ୍ଟାଲ ପିଛା ୫୦୦ ଟଙ୍କା ବୃଦ୍ଧି ପାଇଥିବାରୁ ଚାଷୀମାନେ ଏଣିକି ୧୦,୩୪୬ ଟଙ୍କା ପାଇବେ।

ପୁରୀରୁ କୋରାପୁଟକୁ ଖୁବ୍ ଶୀଘ୍ର ଚାଲିବ ନୂଆ ଏକ୍ସପ୍ରେସ୍ ଟ୍ରେନ

ଭୁବନେଶ୍ୱର : ପୁରୀରୁ କୋରାପୁଟକୁ ଖୁବ୍ ଶୀଘ୍ର ଚାଲିବ ଏକ ନୂଆ ଏକ୍ସପ୍ରେସ୍ ଟ୍ରେନ। କେନ୍ଦ୍ର ରେଳ ମନ୍ତ୍ରାଳୟ ଏହାକୁ ଅନୁମୋଦନ ଦେଇଛନ୍ତି। ଏହି ଟ୍ରେନଟି ପୁରୀରୁ ସମ୍ବଲପୁର ଦେଇ କୋରାପୁଟ ଯିବ। ଏହି ଟ୍ରେନ ସପ୍ତାହକୁ ତିନି ଥର ଚାଲିବ। ଟ୍ରେନ ନମ୍ବର ୧୮୪୦୭ ପୁରୀରୁ ସୋମବାର,ଗୁରୁବାର ଓ ଶନିବାର ଏବଂ ଟ୍ରେନ ନମ୍ବର ୧୮୪୦୮ କୋରାପୁଟରୁ ମଙ୍ଗଳବାର,ଶୁକ୍ରବାର ଓ ରବିବାର ଦିନ ବାହାରିବ। ଏହି ନୂତନ ଟ୍ରେନ ଚଳାଚଳ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହି ନୂଆ ଟ୍ରେନ ଯୋଗୁଁ ପୂର୍ବ,ପଶ୍ଚିମ ଓ ଦକ୍ଷିଣ ଓଡିଶାର ରେଳ ଯୋଗାଯୋଗ ବ୍ୟବସ୍ଥା ଆହୁରି ସୁଦୃଢ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।ଏହି ଟ୍ରେନ ପାଇଁକୋରାପୁଟ ଓ ସମ୍ବଲପୁର ଅଞ୍ଚଳରୁ ପୁରୀକୁ ଅଧିକ ତୀର୍ଥଯାତ୍ରୀ ମଧ୍ୟ ଆସିପାରିବେ। ଏହି ଟ୍ରେନରେ ୧୯ଟି ଷ୍ଟପେଜ୍ ରହିବ। ଏହି ଷ୍ଟପେଜ୍ ଗୁଡିକ ହେଲା ଖୋର୍ଦ୍ଧା ରୋଡ,ଭୁବନେଶ୍ୱର,ନରାଜ-ମାର୍ଥାପୁର, ଢେଙ୍କାନାଳ, ତାଳଚେର ରୋଡ୍,ଅନୁଗୋଳ,ବଇଣ୍ଡା, ରେଢାଖୋଲ, ସମ୍ବଲପୁର, ବରଗଡ ରୋଡ୍,ବଲାଙ୍ଗିର, ଟିଟିଲାଗଡ, କେସିଙ୍ଗା, ମୁନିଗୁଡା, ରାୟଗଡା, ଟିକିରି,ଲକ୍ଷ୍ମୀପୁର ରୋଡ୍,କିକିରିଗୁମା ଓ ଦାମନଯୋଡି।

ନିଟ ପ୍ରଶ୍ନପତ୍ର ଲିକ୍: ୩୦ ଲକ୍ଷର ଡିଲ୍
ସୁପ୍ରିମକୋର୍ଟରେ ନିଟ୍ ପେପର୍ ଲିକ୍ ମାମଲା

- ଏନଟିଏର ପୁନର୍ଗଠନ ଓ ପରୀକ୍ଷା ପାଇଁ ଅପିଲ୍
- ଦେଶବ୍ୟାପୀ ହଙ୍ଗାମା...ବିକ୍ଷୋଭ...ପ୍ରତିବାଦ

ନୂଆଦିଲ୍ଲୀ: ନିଟ୍ ୟୁଜି ପ୍ରଶ୍ନପତ୍ର ଲିକ ଘଟଣାରେ ସାମ୍ନାକୁ ଆସିଛି ସାଂଘାତିକ ତଥ୍ୟ। ପ୍ରଶ୍ନପତ୍ର ଲିଙ୍କର ଚେର ବିଭିନ୍ନ ରାଜ୍ୟକୁ ବ୍ୟାପିଥିବା ବେଳେ ରାଜସ୍ଥାନ ଏସ୍‌ଓଜି ଓ ସିବିଆଇ ଏକାଧିକ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଲାଗିଛନ୍ତି। ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ରହିଛନ୍ତି ରାଜସ୍ଥାନର ଜାମୱା ରାମଗଡ଼ର ଦୁଇ ଭାଇ ମଙ୍ଗିଲାଲ ଓ ଦୀନେଶ ବିୱାଲ। ସେମାନେ ଚଳିତ ବର୍ଷର ନିଟ ୟୁଜି ପ୍ରଶ୍ନପତ୍ର ଗୁରୁଗ୍ରାମର ଜଣେ ଡାକ୍ତରଙ୍କ ଠାରୁ ୩୦ ଲକ୍ଷ ଟଙ୍କାରେ କିଣିଥିଲେ। ମେ’ ୩ରେ ପରୀକ୍ଷା ହେବାକୁ ଥିବା ବେଳେ ଏପ୍ରିଲ ୨୬ରେ ସେମାନଙ୍କୁ ମିଳିଥିଲା ପ୍ରଶ୍ନପତ୍ର। ଦୁଇ ଭାଇଙ୍କ ମଧ୍ୟରୁ ଜଣେ ଲିକ ପ୍ରଶ୍ନପତ୍ରକୁ ସିକାରରେ ଡାକ୍ତରୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ନିଜ ପୁଅଙ୍କୁ ଦେଇଥିଲେ। ଏହାପରେ ଏପ୍ରିଲ ୨୯ରେ ଅନ୍ୟମାନଙ୍କୁ ବିକ୍ରି କରିଥିଲେ। ଜାମୱା ରାମଗଡ଼ ଠାରୁ ସିକାର ଦୂରତା ପ୍ରାୟ ଅଢ଼େଇ ଘଣ୍ଟା। ଚଳିତ ବର୍ଷ ପ୍ରଶ୍ନପତ୍ର ଲିକର ପେଣ୍ଟସ୍ଥଳ ହେଉଛି ସିକାର। ପ୍ରଶ୍ନପତ୍ର ଲିଙ୍କର ମୂଳରେ ଗୁରୁଗ୍ରାମର ଜଣେ ଡାକ୍ତର ରହିଛନ୍ତି। ଏହାପୂର୍ବରୁ ରାଜସ୍ଥାନ ପୁଲିସ କହିଥିଲା ଯେ ନାଶିକ ଥିବା ପ୍ରିଣ୍ଟିଂ ପ୍ରେସରୁ ହିଁ ପ୍ରଥମେ ପ୍ରଶ୍ନପତ୍ର ଲିକ ହୋଇଛି। ସେଠାରୁ ଗୋଟିଏ ଚେନ ନେଟୱର୍କ ଜରିଆରେ ଏହା ଗୁରୁଗ୍ରାମ ଡାକ୍ତରଙ୍କ ପାଖରେ ପହଞ୍ଚିଥିଲା। ସେହି ଡାକ୍ତରଙ୍କ ଠାରୁ ଦୁଇ ଭାଇ ପ୍ରଶ୍ନପତ୍ର କିଣିବା ପରେ ନିଜର ପରିବାର ଲୋକ ଓ ଅନ୍ୟ ନିଟ୍ ଆଶାୟୀଙ୍କୁ ଦେଇଥିଲେ। ପୁଲିସ୍ ଏହା ଜାଣିବା ପରେ ଦୀନେଶ ଓ ମଙ୍ଗିଲାଲଙ୍କୁ ଗିରଫ କରିଛି। ଅନ୍ୟପଟରେ ନିଟ୍ ୟୁଜି ୨୦୨୬ ପରିଚାଳନାରେ ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି ର ବ୍ୟବସ୍ଥିତ ବିଫଳତାକୁ ଚ୍ୟାଲେଞ୍ଜ କରି ଫେଡେରେସନ୍ ଅଫ୍ ଅଲ୍ ଇଣ୍ଡିଆ ମେଡିକାଲ୍ ଆସୋସିଏସନ୍ ସୁପ୍ରିମକୋର୍ଟରେ ଆବେଦନ କରିଛି। ନିଟ ୟୁଜି ୨୦୨୬ ପରିଚାଳନାରେ ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି ର ବ୍ୟବସ୍ଥିତ ବିଫଳତା କୁ ଚ୍ୟାଲେଞ୍ଜ କରି ଫେଡେରେସନ୍ ଅଫ୍ ଅଲ୍ ଇଣ୍ଡିଆ ମେଡିକାଲ୍ ଆସୋସିଏସନ୍ ସୁପ୍ରିମକୋର୍ଟରେ ଆବେଦନ କରିଛି। ଓକିଲ ତନଭି ଦୁବେଙ୍କ ମାଧ୍ୟମରେ ଦାୟର କରାଯାଇଥିବା ଏହି ଆବେଦନରେ ଏନଟିଏକୁ ବଦଳାଇବା କିମ୍ବା ମୌଳିକ ଭାବରେ ପୁନର୍ଗଠନ କରିବା ଏବଂ ନ୍ୟାୟିକ ତତ୍ତ୍ୱାବଧାନରେ ଏକ ନୂତନ ନିଟ ୟୁଜି ୨୦୨୬ ପରୀକ୍ଷା କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଇଛି। ଆବେଦନରେ କୋର୍ଟଙ୍କୁ ଅନୁରୋଧ କରାଯାଇଛି ଯେ ନିଟ ପରୀକ୍ଷା ପରିଚାଳନା ପାଇଁ ଏନଟିଏକୁ ଏକ ଅଧିକ ସୁଦୃଢ଼, ପ୍ରଯୁକ୍ତିବିଦ୍ୟା ଦୃଷ୍ଟିରୁ ଉନ୍ନତ ଏବଂ ସ୍ୱାୟତ୍ତ ସଂସ୍ଥା ଭାବେ ବଦଳାଇବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଉ । ଉଜ୍ଜ୍ୱଳ ଭବିଷ୍ୟତ ଦେଖିବା ପୂର୍ବରୁ ଅନ୍ଧାରକୁ ଠେଲି ହେଇ ଯାଇଛି ଦେଶର ପ୍ରାୟ ୨୩ ଲକ୍ଷ ଛାତ୍ରଛାତ୍ରୀଙ୍କ ଜୀବନ। ନିଟ୍-ୟୁଜି ପରୀକ୍ଷାରେ ପେପର୍ ଲିକ୍ ପରେ ଏବେ ଆଶଙ୍କା, ଦ୍ୱନ୍ଦ୍ୱରେ ପିଲାଏ। ଚାଲିଛି ପ୍ରତିବାଦ। ନୂଆଦିଲ୍ଲୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାସଭବନ ସମ୍ମୁଖ ହେଉ, ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି ଅଫିସ୍ କିମ୍ବା ଶିକ୍ଷା ବିଭାଗର କାର୍ଯ୍ୟାଳୟ। ସବୁଠି ବିକ୍ଷୋଭ ଓ ସବୁଠି ପ୍ରତିବାଦର ସ୍ୱର। ଫେକ୍ ନୋଟ୍ ଫିଙ୍ଗି ପେପର୍ ଲିକ୍ ରେ ନିଜ ପ୍ରତୀକାତ୍ମକ ବିରୋଧ ପ୍ରଦର୍ଶନ କରିଛି ଛାତ୍ର କଂଗ୍ରେସ। ଯୁବ କଂଗ୍ରେସ କର୍ମୀ, ଶିକ୍ଷା ମନ୍ତ୍ରଣାଳୟକୁ ଧସେଇ ପଶିବାକୁ ଚେଷ୍ଟା କରିବା ବେଳେ ପୋଲିସ୍ ସହ ମୁହାଁମୁହିଁ ସ୍ଥିତି ଉପୁଜିଛି। ଆଉ ଏବିଭିପି ବି ପେପର୍ ଲିକ୍ ପ୍ରସଙ୍ଗକୁ ନେଇ ରାଜରାସ୍ତାକୁ ଓହ୍ଲାଇଛି। ଏନଟିଏ ଅଫିସ୍ ଆଗରେ ଧାରଣା ଦେବା ସହ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ବରଖାସ୍ତ କରିବାକୁ ଦାବି କରିଛି।

ତିରିଂ ଅଞ୍ଚଳରେ ଟ୍ରିପିଲ ମର୍ଡ଼ର
ଶାବଳରେ ପିଟି ଦୁଇଜଣଙ୍କୁ ହତ୍ୟା
ଲୋକଙ୍କ ମାଡ଼ରେ ଅଭିଯୁକ୍ତ ମୃତ



ବାରିପଦା: ମୟୂରଭଞ୍ଜଜିଲ୍ଲା ତିରିଂ ଥାନା ଅନ୍ତର୍ଗତ କୁଲୁଘୁଟୁ ଗ୍ରାମରେ ଜଣେ ଯୁବକଙ୍କ ଶାବଳ ମାଡ଼ରେ ଦୁଇ ଜଣଙ୍କ ମୃତ୍ୟୁଘଟିଛି। ପରବର୍ତ୍ତୀ ସମୟରେ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଅଭିଯୁକ୍ତ ଯୁବକର ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ତେବେ କେଉଁ କାରଣରୁ ଅଭିଯୁକ୍ତଜଣକ ଏଭଳି କାଣ୍ଡ କରିଛି ତାହା ଏଯାଏଁ ଜଣାପଡ଼ିନାହିଁ। ମୃତ୍ୟୁ ଘଟିଥିବା ଅଭିଯୁକ୍ତ ଜଣକ କୁଲୁଘୁଟୁ ଗାଁର ମୋଚକା ଆଲଦା (୨୫) ଓ ମୋଚକାର ଶାବଳ ମାଡ଼ରେ ମୃତ୍ୟୁ ଘଟିଥିବା ବ୍ୟକ୍ତି ଦୁଇଜଣ ସେହି ଗାଁର ଗୋପୀନାଥ ସର୍ଦ୍ଦାର ଓ ବୁଦ୍ଧେଶ୍ୱର ରଣା। ସୂଚନା ଅନୁସାରେ, ଆଜି (ବୁଧବାର) ପୂର୍ବାହ୍ନ ପ୍ରାୟ ୮.୩୦ରୁ ୯.୦୦ଟା ସମୟରେ ଅଭିଯୁକ୍ତ ମୋଚକା ଆଲଦା ନିଶାଶକ୍ତ କିମ୍ବା ମାନସିକ ଭାରସାମ୍ୟ ହରାଇ ନିଜ ଘର ସମ୍ମୁଖରେ ଠିଆ ହୋଇଥିଲା। ସେହି ବାଟ ଦେଇ ଗୋପୀନାଥ ସର୍ଦ୍ଦାର(୬୨) ଓ ବୁଦ୍ଧେଶ୍ୱର ରଣା(୫୦) ଆସୁଥିବା ଦେଖି ମୋଚକା ସେମାନଙ୍କ ଉପରେ ଲୁହା ଶାବଳରେ ଆକ୍ରମଣ କରିଥିଲା । ଫଳରେ ଘଟଣାସ୍ଥଳରେ ହିଁ ଗୋପୀନାଥ ଓ ବୁଦ୍ଧେଶ୍ୱରଙ୍କ ମୃତ୍ୟୁ ହୋଇଛି । ତେବେ ହତ୍ୟା ପୂର୍ବରୁ ପ୍ରଥମେ ଏକ କୁକୁଡ଼ାକୁ ଧାରୁଆ ଅସ୍ତ୍ର ସାହାଯ୍ୟରେ ହତ୍ୟା କରି ଘର ଉପରକୁ ଫିଙ୍ଗି ଦେଇଥିଲା ବୋଲି ଗ୍ରାମବାସୀମାନେ କହିଛନ୍ତି। ଗ୍ରାମବାସୀମାନେ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ମୋଚକାକୁ କାବୁ କରି ହାତଗୋଡ଼ ବାନ୍ଧି ଦେଇଥିଲେ। ନିସ୍ଥୁକ ମାଡ଼ ମାରି ଗୋଡ ଭାଙ୍ଗି ଦେଇଥିଲେ। ସୂଚନା ପାଇ ତିରିଂ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତକୁ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ହତ୍ୟାକାରୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ତେବେ ସେ ଜଣେ ମାନସିକ ରୋଗୀ ଥିବାରୁ ଅଭିଯୁକ୍ତ ଏଭଳି କାଣ୍ଡ ଘଟାଇବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଘଟଣା ସମ୍ପର୍କରେ ଖବର ପାଇ ରାଇରଙ୍ଗପୁର ଏଏସ୍‌ପି ଯଦୁନାଥ ଜେନା, ଏସ୍‌ଡିପିଓ ବୀରେନ୍ଦ୍ର ସେନାପତି, ତିରିଂ ଥାନା ଅଧିକାରୀ, ବହଳଦା ଥାନା ଅଧିକାରୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଧିକ ତଦନ୍ତ ପାଇଁ ବାରିପଦାରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଅଧିକ ତଦନ୍ତ କରିଛନ୍ତି । ତଦନ୍ତ ପରେ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ସେପଟେ ତିରିଂ ଥାନା ଅଞ୍ଚଳରେ ଡବଲ ମର୍ଡର ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି ।

ସମ୍ପାଦକୀୟ

ଖାମନେଇଙ୍କ ଖେଳ ଖତମ୍

ତେହେରାନ୍ ଏବେ ପୂରା ଖ୍ୱନ୍‌ଭିନ୍! ଇରାନ୍ ଏବେ ପୂରା ଇତସ୍ତତଃ । ଏପରି ଲେଖିଦେଲେ ଅବା କହିଦେଲେ କେବେ ବି ଠିକ୍ ହେବନି । କିଛି ତ ତ୍ରୁଟି ରହିଯିବ ନିଶ୍ଚୟ। ସେହି ତ୍ରୁଟି ହୁଏତ ଆଗାମୀ ସମୟରେ ପୂରା ଇରାନକୁ ଖ୍ୱନ୍‌ଭିନ୍ କରିଦେଇପାରେ। ଯଦି ପୂରା ଇରାନ୍ ଖ୍ୱନ୍‌ଭିନ୍ ହୋଇଯାଇପାରେ, ତେବେ ତେହେରାନ୍ ବି ତ ରହୁଛି ତାହାରି ଭିତରେ। ତାକୁ ଖ୍ୱନଭିନ୍ ହେବାକୁ କେତେ ସମୟ ଲାଗିବ । ତେବେ ଏବେ ଇରାନ୍ ଯଦିଓ ସୁରକ୍ଷିତ ରହିଛି, ତେବେ ତେହେରାନ୍ କିନ୍ତୁ ବରବାଦ୍ ହୋଇଯାଇଛି ଅବା ଖ୍ୱନ୍‌ଭିନ୍ ହୋଇଯାଇଛି। ଏଠାରେ ଦୁଇଟି ଶବ୍ଦର ବ୍ୟବହାର କରାଯାଇଛି। ଦୁଇଟି ଶବ୍ଦର ଅର୍ଥ ପ୍ରାୟତଃ ପାଖାପାଖି ଏଣୁ ଉଭୟ ଶବ୍ଦାର୍ଥରେ ତାଳମେଳ ରହିଛି। ହେଲେ ଉଭୟ ଶବ୍ଦ ହିଁ ଏଠାରେ ଭୁଲ୍ ସାବ୍ୟସ୍ତ ହେଇପାରେ। କାରଣ ଇରାନ୍‌ର ସେଭଳି ସ୍ଥିତି ଏଯାବତ୍ ଉପୁଜିନାହିଁ ଯେଉଁ କାରଣରୁ ଆମେ ଇରାନ୍ ପାଇଁ ଏପରି ଶବ୍ଦ ବ୍ୟବହାର କରିପାରିବା। ହେଲେ ପରିସ୍ଥିତି ବି କିଛି ସେହିଭଳି। ପରିସ୍ଥିତି ଏବେ ପୂରା ଭିନ୍ନ। ପରିସ୍ଥିତି ଏବେ ପୂରାପୁରି ଭୟଙ୍କର। ସେଥିପାଇଁ ତ ଆମେ ଲେଖିଲୁ ଖ୍ୱନ୍‌ଭିନ୍ ଇରାନ ଅବା ତେହେରାନ୍ । ତେବେ ଇରାନ୍ ଅବା ତେହେରାନ୍ କଥାଟା କିନ୍ତୁ ଏକାନୁହେଁ। ଇରାନ୍ ଯେବେ ଗୋଟାଏ ରାଜ୍ୟ ସେ କ୍ଷେତ୍ରରେ ତେହେରାନ୍ କିନ୍ତୁ ତା'ର ରାଜଧାନୀ। ଏହା ତ ସାଧାରଣ କଥା। ଏହା ତ ସମସ୍ତେ ଜାଣନ୍ତି। ହେଲେ ଇରାନ୍ ଏବଂ ତେହେରାନ୍‌ରେ ଯେ ସ୍ଥିତି ଏବେ ପୂରାପୂରି ଭୟଙ୍କର, ସେ ବିଷୟରେ କେତେ ବା ଜାଣନ୍ତି । ଏବେ କିନ୍ତୁ ସେ ବିଷୟରେ ପୂରାପୂରି ସମସ୍ତେ ଜାଣିଗଲେଣି। ପୂରାପୂରି ଦୁନିଆ ମଧ୍ୟ ଏହି କଥା ଜାଣିଗଲାଣି ଯେ ଇରାନ୍ ଏବଂ ତେହେରାନ୍‌ର ସ୍ଥିତି ଏବେ କେତେ ଭୟଙ୍କର। ଏବେ ଇରାନ୍ ନୁହେଁ, ତେହେରାନ୍ ପୂରାପୂରି ଖ୍ୱନଭିନ୍ ହୋଇଯାଇଛି। ଯଦି ତେହେରାନ୍ ପୂରାପୂରି ଖ୍ୱନ୍‌ଭିନ୍ ହୋଇଯାଇଛି, ତେବେ ଇରାନକୁ ଖ୍ୱନଭିନ୍ ହେବାକୁ କେତେ ସମୟ ଲାଗିବ। ଇରାନ୍‌ର ରାଜଧାନୀ ହେଉଛି ତେହେରାନ୍ । ଯଦି କୌଣସି କ୍ଷେତ୍ରରେ ଅବା କୌଣସି ବି ପରିସ୍ଥିତରେ କୌଣସି ବି ଦେଶର ଅବା ରାଜ୍ୟର ରାଜଧାନୀ ଉପରେ ଆକ୍ରମଣ ହୋଇଯାଏ ତେବେ ସେଭଳି କ୍ଷେତ୍ରରେ ରାଜ୍ୟର ଅବା ଦେଶର ପରିସ୍ଥିତି ଯେ କ'ଣ ହେବ , ସେ ବିଷୟରେ ବି କିଛି କହିହେବନି। ଏବେ ସେହିଭଳି କିଛି ପରିସ୍ଥିତି ଉପୁଜିଛି ଇରାନ୍ ରେ । ଇରାନ୍‌ର ରାଜଧାନୀ ତେହେରାନ୍‌ରେ ଏବେ ଭୟଙ୍କର ପରିସ୍ଥିତି ଉପୁଜିଛି। ଆଉ ସେଭଳି ପରିସ୍ଥିତି ଉପୁଜିଛି କେବଳ ଆମେରିକା ପାଇଁ। କେବଳ ଆମେରିକା ପାଇଁ ନୁହେଁ, କେବଳ ଇରାନ୍ ପାଇଁ ଅବା କେବଳ ଇସ୍ରାଏଲ୍ କପାଇଁ ମଧ୍ୟ କୁହାଯାଇପାରେ। ତେବେ ପ୍ରକୃତରେ କେଉଁ କଥାଟା ପୂରାପୂରି ଠିକ୍। କେଉଁ କଥାଟା ପୂରାପୂରି ଠିକ୍ ଅବା କେଉଁ କଥାଟା ପୂରାପୂରି ଭୁଲ୍ , ତାହା କହିବା ଯଦିଓ କଷ୍ଟସାଧ୍ୟ, ତେବେ ପୂରାପୂରି ଅସମ୍ଭବ ନୁହେଁ। ବାସ୍ତବରେ କଥାର ସତ୍ୟତା ବିଷୟରେ ଆମେ ସେମିତି ନିର୍ଦ୍ଦିଷ୍ଟ ଭାବେ ମଧ୍ୟ କିଛି କହିପାରିବା। କେବଳ ଜାତିସଙ୍ଘର ସଦସ୍ୟମାନେ ଯେ କିଛି କହିବେ , ସେମିତି ବି ଆମେ କହିପାରିବା ନାହିଁ ଆମେ, ତମେ , କେହି ବି କିଛି ବି କହିପାରିବା । କେବଳ ସର୍ତ୍ତ ଏତିକି ଯେ ଆମେ ତମେ କେହି ବି ଦେଶର ସଚେତନ ଏବଂ ସଶକ୍ତ ନାଗରିକ ହୋଇଥିବା ଦରକାର। ସତର୍କ ବି ହେବା ଦରକାର। ନଚେତ ସମ୍ପୂର୍ଣ୍ଣ ଠିକ୍ ଆମେ କେମିତି କହିବା ଅବା ସମ୍ପୂର୍ଣ୍ଣ ଠିକ୍ କାମ ଆମେ କେମିତି କରିବା। କିଛି ବି ଆମେ କହିପାରିବା ନାହିଁ କିଛି ବି ଆମେ କରିପାରିବା ନାହିଁ। ଜୀବନରେ ସତର୍କ ରହିବା ଜରୁରୀ ନଚେତ୍ ଇରାନ୍ ର ସର୍ବୋଚ୍ଚ ଶାସକ ଆୟାତୋଲ୍ଲା ଖାମେନେଇଙ୍କ ଭଳି ଭୋଗିବାକୁ ପଡ଼ିବ ଅତି ଗମ୍ଭୀର ପରିଣାମ । ଏଇ ଯେମିତି ଭୋଗିଲେ ଆୟାତୋଲ୍ଲା ଅଲ୍ଲୀ ଖାମେନେଇ ଇରାନ୍‌ର ସର୍ବୋଚ୍ଚ ଶାସକ। ଏବେ ଆରପାରିରେ ଆୟାତୋଲ୍ଲା। ଏବେ ଇରାନ୍ ର ରାଜଧାନୀ ତେହେରାନ୍ ଉପରେ ଉଭୟ ଇସ୍ରାଏଲ୍ ଏବଂ ଆମେରିକାର ମିଳିତ ଭାବେ ପ୍ରଚଣ୍ଡ ଆକ୍ରମଣରେ ପୂରା ଥରହର ତେହେରାନ୍ । ଯଦି ଦେଶର ରାଜଧାନୀ ଥରହର, ତେବେ ସେଭଳି କ୍ଷେତ୍ରରେ ଦେଶ ଅବା ରାଜ୍ୟର ସ୍ଥିତି ବି ଖରାପ୍ ହୋଇପାରେ। ଏବେ ଯେମିତି ଖରାପ୍ ହୋଇଯାଇଛି ଇରାନ୍ ର ଅବସ୍ଥା। ଇରାନ୍ ର ପରମାଣୁ ପ୍ରସ୍ତୁତି କାର୍ଯ୍ୟକ୍ରମ ଏବେ ପୂରା ଭାରି ପଡ଼ିଲା ଇରାନ୍‌ର ସର୍ବୋଚ୍ଚ ଶାସକ ଖମେନେଇଙ୍କ ପଇଁ। ଏବେ ତାଙ୍କ ଖେଳ ଖତମ ହୋଇଛି। ଏବେ ସେ ଆରପାରିରେ । ଆମେରିକାର ଅତି ବେଗଗାମୀ ଏବଂ ଅତି ଭୟଙ୍କର କ୍ଷେପଣାସ୍ତ୍ର ମାଡ଼ରେ ତେହେରାନ୍ ଖ୍ୱନଭିନ ହେବା ସହ ଖତମ ହୋଇଛନ୍ତି ଇରାନର ସର୍ବୋଚ୍ଚ ଶାସକ ଆୟାତୋଲ୍ଲା ଖମେନେଇ।୍ ଇରାନର ପରମାଣୁ କାର୍ଯ୍ୟକୁ ବିରୋଧ କରି ଆମେରିକା ବହୁ ପୂର୍ବରୁ ମଧ୍ୟ ଇରାନକୁ ଦେଇଥିଲା ଚରମ ଚେତାବନୀ ହେଲେ ଇରାନ୍ କିନ୍ତୁ ଚେତିନଥିଲା। ଯାହାର ଭୟଙ୍କର ପରିଣାମ ଭୋଗିଲା ଇରାନ୍ । ଖ୍ୱନ୍‌ଭିନ୍ ହୋଇଗଲା ତେହେରାନ୍ । ତେହେରାନ୍‌ରେ ଯେ ସ୍ଥିତି ଏବେ ପୂରାପୂରି ଭୟଙ୍କର, ତେହେରାନ୍ ପୂରାପୂରି ଖ୍ୱନଭିନ୍ ହୋଇଯାଇଛି। ଯଦି ତେହେରାନ୍ ପୂରାପୂରି ଖ୍ୱନ୍‌ଭିନ୍ ହୋଇଯାଇଛି, ତେବେ ଇରାନକୁ ଖ୍ୱନଭିନ୍ ହେବାକୁ କେତେ ସମୟ ଲାଗିବ। ତାହା ତ ଦେଖିବାକୁ ବାକି ରହିଲା। ହେଲେ ଦୀର୍ଘ ବର୍ଷର ପ୍ରତୀକ୍ଷା ପରେ ଖତମ ହେଲା ଖାମେନେଇ ସରକାର।

ଦୁଇ ରାଜପୁତ୍

ସେହି ଆକବର୍ ଯେ କି ଭାରତରେ ମୋଗଲ୍ ଶାସକ ଭାବରେ ବେଶ୍ ପ୍ରସିଦ୍ଧି ଲାଭ କରିଥିଲେ ଥରେ ତାଙ୍କ ରାଜଦରବାରରେ ଦୁଇ ଭାଇ ଥରେ ଆସି ପହଞ୍ଚିଗଲେ ରାଜ ଦରବାରରେ। ସେମାନେ ଆସିଥିଲେ ଚାକିରି ପାଇଁ ଆକବରଙ୍କ ପାଖକୁ। ଯାହାଙ୍କ ବୀରତ୍ୱର ଗାଥା ଆଜି ବି ଭାରତରେ ଚର୍ଚ୍ଚିତ । କୁହାଯାଏ କି ଅଶୋକ୍ , ଆକବର ଏବଂ ଆଲେକଜାଣ୍ଡାର। ଇତିହାସର ତିନି ପ୍ରସିଦ୍ଧ ବୀର। ସେହିଭଳି ବୀର ଥିଲେ ଆକବର ଯେ କି ଦିଲ୍ଲୀରୁ ନିଜର ଶାସନ ଚଳାଉଥିଲେ। ଥରେ ଦୁଇ ରାଜପୁତ ଆକବରଙ୍କ ସୈନ୍ୟବାହିନୀରେ ଯୋଗ ଦେବାର ଇଚ୍ଛା ନେଇ ଯେବେ ତାଙ୍କର ଇଚ୍ଛା ଆକବରଙ୍କ୍ ନିକଟରେ ପ୍ରକାଶ କଲେ, ଆକବର ତୁରନ୍ତ ତାଙ୍କୁ ସୈନ୍ୟବାହିନୀରେ ଯୋଗ ଦେବାର ପ୍ରତିଶ୍ରୁତି ଦେଇଥିଲେ। ତେବେ ତା'ପୂର୍ବରୁ ଆକବର କିନ୍ତୁ ସେମାନଙ୍କ ପରୀକ୍ଷା ନେଇଥିଲେ। ସେମାନେ କେତେଦୂର ସାହସୀ, ସେ ବିଷୟରେ ସେମାନେ ଆକବରଙ୍କ ନିକଟରେ ପରୀକ୍ଷା ଦେବାର ସେମିତି କିଛି ଆବାଶ୍ୟକ ପଡ଼ିଲା। ଦୁଇ ଭାଇ ନିଜକୁ ରାଜପୁତ ବୋଲି କହି ତାହା ହିଁ ତାଙ୍କରା ସାହସ ବୋଲି କହିବା ପରେ ବି ବାଦଶାହ ଆକବର ତଥାପି ତାଙ୍କର ପରିଚୟ ମାଗନ୍ତେ ରାଜପୁତ ଭ୍ରାତାଦ୍ୱୟ ତୁରନ୍ତ ଉଭୟ ନିଜର ଖଡ଼୍‌ଗ୍ ବାହାର କରି ପରସ୍ପର ବିରୁଦ୍ଧରେ ତୁରନ୍ତ ଖଡ଼୍‌ଗ ଉତ୍ତୋଳନ କରି ଆରମ୍ଭ କରିଦେଲେ ଅସୀ ଚାଳନା। ଦେଖୁ ଦେଖୁ ଉଭୟଙ୍କ ମଧ୍ୟରେ ଆରମ୍ଭ ହୋଇଗଲା ଏକ ଖଣ୍ଡ ଯୁଦ୍ଧ। ଯାହାକୁ ଦେଖି ଆକବର ନିଜ ଆଖିକୁ ମଧ୍ୟ ବିଶ୍ୱାସ କରିପାରିଲେ ନାହିଁ । ଏ କ'ଣ ? ଏହି ରାଜପୁତ ଭାଇମାନେ ନିଜ ଆଖିକୁ ମଧ୍ୟ ବିଶ୍ୱାସ କରି ପାରିଲେ ନାହିଁ। ଉଭୟ ରାଜପୁତ ଭାଇଦ୍ୱୟଙ୍କୁ ସେ ତ କେବଳ ତାଙ୍କର ସାହସିକତାର ପ୍ରମାଣ ମାଗିଥିଲେ। ହେଲେ ରାଜପୁତ ଭାଇମାନେ କିନ୍ତୁ ପରସ୍ପର ମଧ୍ୟରେ ଏମିତି ଯେ ଭିଡ଼ିଯିବେ, ଏମିତି ତ କେବେ ବି ଭାବିପାରିନଥିଲେ ବାଦଶାହ ଆକବର। ବାଦଶାହ ଆକବର ନିଜେ ବି ତାଜୁବ୍ ହୋଇଗଲେ। ହେଲେ କ'ଣ କରିବେ ଏବଂ କ'ଣ ନ କରିବେ , ସେଥିନେଇ ସେ ବି କିଛି ଭାବିପାରିଲେ ନାହିଁ। କିଛି ସମୟ ପାଇଁ ସେ ବି ବିଚଳିତ ହୋଇପଡ଼ିଲେ। ହଠାତ୍ ସେ ଡାକ ପକାଇଲେ ସେନାପତି ମାନସିଂଙ୍କୁ ଯେ କି ଆକବରଙ୍କ୍ ରାଜ ଦରବାରରେ ବହୁ ପୂର୍ବରୁ ନିଯୁକ୍ତି ପାଇଥିଲେ ଜଣେ ସେନାପତି ଭାବରେ। ତେବେ ରାଜପୁତ ମାନସିଂଙ୍କ୍ ଆସିଲାବେଳକୁ ହୁଏତ ସାମାନ୍ୟ ବିଳମ୍ବ ହୋଇଯାଇଥିଲା। ସେତେବେଳକୁ ଦୁଇ ରାଜପୁତ ପରସ୍ପର ସହିତ ଯୁଦ୍ଧରେ ଲହୁ ଲୁହାଣ ହୋଇଯାଇଥିଲେ। ମାନସିଂ ସେମାନଙ୍କୁ ଯୁଦ୍ଧରୁ କ୍ଷାନ୍ତ କରାଇଥିଲେ। ତେବେ ତାଙ୍କ ବୀରତ୍ୱକୁ ମଧ୍ୟ ସ୍ୱୀକାର କରିଥିଲେ ଏବଂ ସମ୍ରାଟ୍ ଆକବରଙ୍କୁ ମଧ୍ୟ ବୁଝାଇଦେଇଥିଲେ ସେ ଦୁହିଁଙ୍କ୍ ବୀରତ୍ୱ ବିଷୟରେ ।

ହୋଲି : ଭାରତର ଏକ ଶ୍ରେଷ୍ଠ ପର୍ବ

ଦଶରଥ ହେମ୍ବ୍ରମ୍

ଭାରତୀୟ ସଂସ୍କୃତି ଓ ପରମ୍ପରା ଅନୁସାରେ ପାଳିତ ହେଉଥିବା ପର୍ବପର୍ବାଣୀ ମଧ୍ୟରୁ ହୋଲି ହେଉଛି ଲୋକପ୍ରିୟ ପର୍ବ, କେହିକେହି ଏହାକୁ ଗଣପର୍ବ ମଧ୍ୟ କୁହନ୍ତି। ଆମ ଭାରତରେ ବସବାସ କରୁଥିବା ସବୁ ବର୍ଗର ଲୋକମାନେ ହୋଲି ପର୍ବକୁ ଖୁବ ଉତ୍ସାହର ସହିତ ଦୁଇଦିନ ଧରି ପାଳନ କରିଥାନ୍ତି। ପ୍ରଥମ ଦିନରେ ହୋଲିକା ଦହନ କରାଯାଏ, ଯାହା ଛୋଟିହୋଲି ଭାବେ ଜଣାଶୁଣା ଏବଂ ଦ୍ୱିତୀୟ ଦିନରେ ଲୋକମାନେ ଏକତ୍ର ହୋଇ ଖୁବ ମଜା ମଉଜରେ ରଙ୍ଗ ଖେଳନ୍ତି। ଶୁଣାଯାଏ, ବହୁ ପୂର୍ବରୁ ହୋଲି କେବଳ ହିନ୍ଦୁ ଧର୍ମର ଏକ ପର୍ବ ମଧ୍ୟରେ ସୀମିତ ରହିଥିଲା କିନ୍ତୁ ବର୍ତ୍ତମାନ ସମୟରେ ତାହା ସମଗ୍ର ବିଶ୍ୱରେ ଏକ ମହାଉତ୍ସବ ଭାବେ ବିଶ୍ୱବାସୀ ପାଳନ କରୁଛନ୍ତି। ତେବେ ହୋଲି ପର୍ବ ସହ ଯୋଡ଼ି ହୋଇଛି ଅନେକ ପୌରାଣିକ କଥାବସ୍ତୁ। କୁହାଯାଏ, ହୋଲି ଭାରତର ପ୍ରାଚୀନ ପର୍ବ ମଧ୍ୟରୁ ଗୋଟିଏ। ଯଦି ଆମେ ହୋଲିର ଉତ୍ପତ୍ତି କିମ୍ବା ହୋଲିର ଇତିହାସ ବିଷୟରେ ଆଲୋଚନା କରିବା, ତେବେ ହୋଲିର ବର୍ଣ୍ଣନା ଅନେକ ପୌରାଣିକ କାହାଣୀରେ ମିଳିଥାଏ। ପୌରାଣିକ ଅନୁସାରେ, ପ୍ରାଚୀନ କାଳରେ ଜଣେ ରାଜା ଥିଲେ, ଯାହାର ନାମ ହିରଣ୍ୟକଶ୍ୟପ। ତାଙ୍କ ପୁଅ ପ୍ରହ୍ଲାଦ ଭଗବାନ ବିଷ୍ଣୁଙ୍କର ଜଣେ ପରମ ଭକ୍ତ ଥିଲେ। ସେ ବିଷ୍ଣୁଙ୍କ ଭକ୍ତିରେ ସର୍ବଦା ମଗ୍ନ ଓ ସମର୍ପିତ ରହୁଥିଲେ କିନ୍ତୁ ତାଙ୍କ ପିତା ହିରଣ୍ୟକଶ୍ୟପ ଏହାକୁ ଆଦୌ ପସନ୍ଦ କରୁନଥିଲେ। ତେଣୁ ପ୍ରହ୍ଲାଦଙ୍କୁ ହତ୍ୟା କରିବାକୁ ଅନେକ ଉପାୟରେ ଷଡ଼ଯନ୍ତ୍ର ରଚାଗଲା। ଶେଷରେ, ହିରଣ୍ୟକଶ୍ୟପଙ୍କ ଭଉଣୀ ହୋଲିକାଙ୍କୁ ପ୍ରହ୍ଲାଦଙ୍କ ସହ ନିଆଁରେ ପ୍ରବେଶ କରିବାକୁ ନିର୍ଦ୍ଦେଶ ଦିଆଗଲା। ଏହି ସମୟରେ ପ୍ରଭୁ ବିଷ୍ଣୁ ପ୍ରହ୍ଲାଦଙ୍କୁ ସାହାଯ୍ୟ କରିବାକୁ ଆସି ଭକ୍ତ ପ୍ରହ୍ଲାଦଙ୍କୁ ଉଦ୍ଧାର କରିଥିଲେ କିନ୍ତୁ ହୋଲିକା ନିଆଁରେ ଜଳି ଯାଇଥିଲେ। ସେହିଦିନଠାରୁ ହୋଲିକା ଦହନର ପରମ୍ପରା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ତାହାକୁ ବିଜୟର ଉତ୍ସବ ମନେକରି ସମସ୍ତେ ଏକତ୍ରିତ ହୋଇ ରଙ୍ଗ ଖେଳିବା ଆରମ୍ଭ ହୋଇଥିଲା ବୋଲି ବିଶ୍ୱାସ କରାଯାଏ। କିମ୍ବଦନ୍ତୀ ଅନୁସାରେ, ଶ୍ରୀକୃଷ୍ଣଙ୍କ ରଙ୍ଗ କଳା ଏବଂ ରାଧାରାଣୀଙ୍କ ରଙ୍ଗ ଗୋରା ଥିଲା। ଏନେଇ ଶ୍ରୀକୃଷ୍ଣ ମାତା ଯଶୋଦାଙ୍କ ନିକଟରେ ସବୁଦିନ ଅଭିଯୋଗ କରିଆସୁଥିଲେ। ଯଶୋଦା ମାତା ଶ୍ରୀକୃଷ୍ଣଙ୍କୁ ରାଧାରାଣୀଙ୍କ ମୁହଁରେ ତାଙ୍କ ପରି ସମାନ ରଙ୍ଗ ଲଗାଇବାକୁ କହିଲେ, ଯାହାଦ୍ୱାରା ଦୁହେଁ ସମାନ ଦେଖାଯିବେ। ଭଗବାନ ଶ୍ରୀକୃଷ୍ଣ ବହୁତ ଖୁସି ହେଲେ ଏବଂ ତାଙ୍କ ବନ୍ଧୁମାନଙ୍କ ସହିତ ରାଧାରାଣୀଙ୍କୁ ରଙ୍ଗ ଲଗାଇବା ପାଇଁ ବାହାରକୁ ଗଲେ। ଭଗବାନ ଶ୍ରୀକୃଷ୍ଣ ମାତା ରାଧାରାଣୀଙ୍କୁ ରଙ୍ଗ ଲଗାଇଥିଲେ। ସେହିଦିନଠାରୁ ହୋଲି ଖେଳିବାର ପରମ୍ପରା ଶ୍ରୀକୃଷ୍ଣ ଏବଂ ରାଧା ରାଣୀଙ୍କ ପାଖରୁ ଆରମ୍ଭ ହୋଇଥିଲା ବୋଲି ପୁରାଣରେ ଉଲ୍ଲେଖ ରହିଛି। ଏହାକୁ ମନେ ରଖିବା ପାଇଁ ପ୍ରତିବର୍ଷ ଲୋକମାନେ ବହୁତ ଉତ୍ସାହର ସହିତ ରଙ୍ଗ ଖେଳିବା ଆରମ୍ଭ କଲେ, ଯାହା 'ହୋଲି' ଭାବରେ ଜଣାଶୁଣା। ହରିହର ପୁରାଣର ଅନୁସାରେ, ବିଶ୍ୱର ପ୍ରଥମ ହୋଲି ପ୍ରଭୁ ମହାଦେବ ଖେଳିଥିଲେ। ଏବଂ ଙ୍କ ସହ ଜଡ଼ିତ। ଭଗବାନ ଶିବ କୈଳାସ ପର୍ବତରେ ଧ୍ୟାନମଗ୍ନ ଥିଲେ। ରାକ୍ଷସ ତାରକାସୁରକୁ ବଧ କରିବା ପାଇଁ ପ୍ରେମର ଦେବତା କାମଦେବ ଏବଂ ତାଙ୍କ ପତ୍ନୀ ରତି ମହାଦେବ ଶିବଙ୍କୁ ଧ୍ୟାନରୁ ଉଠାଇବା ପାଇଁ ନୃତ୍ୟ ଆରମ୍ଭ କରିଥିଲେ। ତାଙ୍କର ନୃତ୍ୟ ଦ୍ୱାରା ଭଗବାନ ଶିବଙ୍କ ଧ୍ୟାନ ଭଗ୍ନ ହୋଇଥିଲା ଏବଂ ମହାଦେବ ଶିବଙ୍କ କ୍ରୋଧାଗ୍ନିରେ କାମଦେବ ଜଳିଗଲେ। ଏହାପରେ ରତି ଅନୁତାପରେ ଯେତେବେଳେ କାନ୍ଦିଲେ, ଭଗବାନ ଶିବ ତାଙ୍କ ପ୍ରତି ଦୟା କଲେ ଏବଂ କାମଦେବଙ୍କୁ ପୁନର୍ବାର ଜୀବିତ କଲେ। ଏହି ଖୁସିରେ ରତି ଏବଂ କାମଦେବ ବ୍ରଜ ମଣ୍ଡଳରେ ବ୍ରହ୍ମଭୋଜନର ଆୟୋଜନ କରିଥିଲେ, ଯେଉଁଥିରେ ଦେବଦେବୀମାନେ ଅଂଶଗ୍ରହଣ କରିଥିଲେ। ଚନ୍ଦନ ତିଳକ ଲଗାଇ ଏହି ଦିନକୁ ଉଲ୍ଲାସରେ ପାଳନ କରାଯାଇଥିଲା। କୁହାଯାଏ, ଏହି ଦିନଟି ଥିଲା ଫାଲଗୁନ ପୂର୍ଣ୍ଣିମା। ଭାରତୀୟ ଇତିହାସରୁ ଜଣାପଡେ, ଶ୍ରୀଚୈତନ୍ୟ ଦେବ ଏହି ଦିନ ଜନ୍ମଗ୍ରହଣ କରିଥିଲେ। ସେ ବିଶ୍ୱାସ କରୁଥିଲେ ଯେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଈଶ୍ୱର ହେଉଛନ୍ତି ସମସ୍ତଙ୍କର। ଏହି ବିଶ୍ୱାସ ଯୋଗୁଁ ହିଁ ନାମ ସଂକୀର୍ତ୍ତନ ହୋଲିରେ ପ୍ରବେଶ କରି ଏହାର ଏକ ଅଭିନ୍ନ ଅଂଶରେ ପରିଣତ ହୋଇଛି। ଏଣୁ ହୋଲି ପ୍ରେମ, ବିଶ୍ୱାସ, ଭ୍ରାତୃତ୍ୱ ଭାବ ଏବଂ ସଦ୍‌ଭାବନାର ଏକ ମହାପର୍ବ ବୋଲି ଶ୍ରୀଚୈତନ୍ୟ କହିଥିଲେ। ଆଧ୍ୟାତ୍ମିକ ଭାରତ ବର୍ଷକୁ ଦେଖିଲେ ସମସ୍ତ ବର୍ଗର ଲୋକମାନେ

ହୋଲିକୁ ଆନନ୍ଦ ଓ ଭାତୃତ୍ୱର ଗଣପର୍ବ ଭାବେ ପାଳନ କରିଥାନ୍ତି। ଆମ ଦେଶରେ ଥିବା ବିଭିନ୍ନ ରାଜ୍ୟରେ ବିଭିନ୍ନ ଢଙ୍ଗରେ ହୋଲି ଉତ୍ସବ ପାଳନ କରିବାର ଉତ୍ସୁକତା ଦେଖାଯାଏ। କିଛି ରାଜ୍ୟରେ ହୋଲି ଉତ୍ସବର ନାଁ ମଧ୍ୟ ଭିନ୍ନ ରହିଛି, ଯେମିତି ପଶ୍ଚିମବଙ୍ଗରେ 'ବସନ୍ତୋତ୍ସବ', ଆମ ଓଡ଼ିଶାରେ 'ଦୋଳଯାତ୍ରା' ମହାରାଷ୍ଟ୍ରରେ 'ରଙ୍ଗପଞ୍ଚମୀ', ଓ ଫାନ୍ତୁନ ପୂର୍ଣ୍ଣିମା, ପାବରେ 'ହୋଲ୍ଲା ମୋହୋଲା', ଉତ୍ତରପ୍ରଦେଶରେ 'ଲାଠମାର', ଗୋଆରେ 'ସିଗମୋ', କେରଳରେ 'ମଲ କୁଳି', ଗୁଜୁରାଟରେ 'ଧୁଲେଟି' ଓ ତାମିଲନାଡୁ ଏବଂ କର୍ଣ୍ଣାଟକରେ 'କାମ-ଦହନ'/'ମଦନୋତ୍ସବ' ନାମରେ ଜଣାଶୁଣା। କିନ୍ତୁ ମଥୁରା ଅନ୍ତର୍ଗତ ବ୍ରଜରେ ଶ୍ରୀକୃଷ୍ଣ ଓ ଶ୍ରୀରାଧା ପ୍ରଥମେ ହୋଲି ଖେଳିଥିବାରୁ ତାହା 'ବ୍ରଜ ହୋଲି' ଭାବେ ପ୍ରସିଦ୍ଧ। ସବୁଠାରୁ ବଡ଼ କଥା ହେଲା, ବୃନ୍ଦାବନରେ ଫୁଲରେ ହୋଲି ଖେଳାଯାଏ। ମହାରାଷ୍ଟ୍ରରେ ପାଞ୍ଚଦିନ ଧରି ହୋଲି ପାଳିତ ହୋଇଥାଏ। ମାଠିଆ ଭଙ୍ଗା ଉତ୍ସବ ମଧ୍ୟ ହୋଲିର ଅନ୍ୟତମ ଆକର୍ଷଣୀୟ ପରମ୍ପରା ରହିଛି। ଖାଲି ହିନ୍ଦୁ ସମ୍ପ୍ରଦାୟର ଲୋକମାନେ ଏହି ପର୍ବ ପାଳନ କରନ୍ତି, ତାହା ନୁହେଁ; ବରଂ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଆନନ୍ଦ, ଉଲ୍ଲାସର ସହ ପରସ୍ପରକୁ ଅବିର ଓ ରଙ୍ଗ ଲଗାଇ ହୋଲିର ଶୁଭେଚ୍ଛା ଜଣାନ୍ତି। କିଛି ସମୟ ପାଇଁ ହେଉ ପଛେ ସେମାନେ ଭୁଲିଯାନ୍ତି ସେମାନଙ୍କ ଜୀବନର ଥିବା ଅନେକ ସମସ୍ୟା ଏବଂ ସମସ୍ତ ଦୁଃଖ, କଷ୍ଟ ଓ ଯନ୍ତ୍ରଣାକୁ। ରଙ୍ଗ ଭରିଦିଏ ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧା ଆଉ ଭଲ ପାଇବା। କୁହାଯାଏ, ଏହିଦିନ ଶତ୍ରୁ ବି ଶତ୍ରୁତା ଭୁଲି ରଙ୍ଗ ଖେଳରେ ସାମିଲ ହୁଏ। ସେଥିପାଇଁ କୁହାଯାଏ 'ବୁରା ନା ମାନୋ ହୋଲି ହୈ'। ଏହିପରି ଭାବେ ହୋଲି ଉତ୍ସବ ଆମ ସମାଜରେ ଭାଇଚାରା ଓ ମିତ୍ରତା ବଢ଼ାଇବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଏ।

ବାଲେଶ୍ୱର, ମୋ - ୯୩୩୭୪୦୪୨୫୪

ରଙ୍ଗମୟ ଦୋଳ ଯାତ

ଅକ୍ଷୟ କୁମାର ରାଉତ

ପ୍ରାଚୀନ କାଳରୁ ଭାରତୀୟ ବିଦ୍ୱାନମାନେ ଛଅଗୋଟି ଋତୁକୁ ସ୍ୱୀକୃତି ଦେଇଛନ୍ତି। ଋତୁମାନଙ୍କ ମଧ୍ୟରେ ଋତୁରାଜ ବସନ୍ତ କବି କଣ୍ଠରେ ଜୟ ଜୟକାର ଯୁଗେ ଯୁଗେ ରହିଛି। ଆମ୍ବ ବଉଳର ସୁଗନ୍ଧରେ କୋଇଲିର କୁହୁତାନ, ରଙ୍ଗ ବେରଙ୍ଗ ପୁଷ୍ପ ସମ୍ଭାରରେ ଭ୍ରମର ଗୁଞ୍ଜନ, ବସନ୍ତର ମୃଦୁ ମଳୟ ପ୍ରବାହ ଜଗତକୁ କରେ ସ୍ୱପ୍ନ ବିଭୋର। ରଙ୍ଗମୟ ଜୀବନରେ ବହୁ ପର୍ବପର୍ବାଣି ଓ ଯାତ୍ରା ବା ଯାତ ଆମ୍ଭେ ପାଳନକରୁ। ଝୁଲଣ ଯାତ, ମକର ଯାତ, ପଣାଯାତ, ରଥଯାତ, ଚଇତି ଯାତ, ଚନ୍ଦନ ଯାତ, ଏହି ଯାତ ମଧ୍ୟରୁ ଦୋଳ ଯାତ ଋତୁରାଜ ବସନ୍ତର ମଧ୍ୟ ଭାଗରେ ପାଳନ ହୁଏ। ବର୍ଣ୍ଣାଢ୍ୟ ପରିପାଟିରେ ସୁଶୋଭିତ ନାନା ବର୍ଣ୍ଣ ଓ ବାସର ମହକରେ ଦୋଳ ମେଲଣ ବା ଦୋଳ ଯାତ ଉତ୍ସବ ସହର ଠାରୁ ଆରମ୍ଭ କରି ପଲ୍ଲୀର ଦାଣ୍ଡକୁ ରଙ୍ଗାୟିତ କରି ଜନଜୀବନକୁ ପୁଲକିତ, ମହକିତ କରିଥାଏ। ଫାଲ୍‌ଗୁନ ଶୁକ୍ଳ ଦଶମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏବଂ ପୂର୍ଣ୍ଣିମାର ପାଂଚ ଦିନ, ସାତଦିନ ଓ ଦଶ ଦିନରେ ହେଉଥିବା ଉତ୍ସବକୁ ଯଥାକ୍ରମେ ପଂଚଦୋଳ, ସପ୍ତଦୋଳ, ଦଶଦୋଳ କୁହାଯାଇଥାଏ।ଶ୍ରୀରାଧା କୃଷ୍ଣ ଓ ଗୋପୀମାନଙ୍କର ନୈସର୍ଗିକ ପ୍ରେମ ଓ ଲୀଳାମୟ କୃଷ୍ଣଙ୍କ ଶୃଙ୍ଗାର ରସକୁ ରସାୟିତ କରିବା ପାଇଁ ରଙ୍ଗମୟ ଦୋଳ ଉତ୍ସବର ପରିକଳ୍ପନା। ରାଧାଙ୍କ ରୋଗ ଉପଶମ ବ୍ରହ୍ମ ଦୈତ୍ୟଙ୍କୁ ବନ୍ଦି କରିବା ଏକ ନାଟକୀୟ ପରିକଳ୍ପନା। ଚନ୍ଦ୍ରସେଣା ଓ ଗୋପାଳ ପୁଅ ବିମାନରେ ରାଧା କୃଷ୍ଣଙ୍କୁ ବସାଇ କାନ୍ଧରେ ବୋହିବା ଉପାଖ୍ୟାନ ଏକ କାରଣ, ଅନ୍ୟ ଦିଗଟି ହେଉଛି ଦ୍ୱାପର ଯୁଗରେ କୃଷ୍ଣ ମେତ୍ର ନାମକ ରାକ୍ଷସଙ୍କୁ ବିନାଶ କରି ବୃନ୍ଦାବନର ପୂର୍ବଶ୍ରୀ, ଶାନ୍ତି ଫେରାଇ ଆଣିଥିଲେ। ବୃନ୍ଦାବନବାସୀ ସେହି ସ୍ମୃତିରେ ଦୋଳବିମାନରେ କୃଷ୍ଣଙ୍କୁ ବସାଇ ନଗର ପରିକ୍ରମା କରିଥିଲେ। ସେହି ଦିନରୁ ଦୋଳ ଉତ୍ସବର ସୃଷ୍ଟି ଓ ସମାଜରେ ତାହାର ପ୍ରଚାର ଓ ପ୍ରସାର ଘଟିଅଛି।ରାଧା କୃଷ୍ଣଙ୍କର ବସନ୍ତ ରାସୋତ୍ସବ ବା ଦୋଳଯାତ୍ରାରେ ଅନ୍ୟ ଦେବାଦେବୀମାନେ ମଧ୍ୟ ବିମାନରେ ଦୋଳ ମଣ୍ଡପକୁ ଆସିଥାନ୍ତି, ବୃନ୍ଦାବନର ଯମୁନା କୂଳରେ ଗୋପାଙ୍ଗନାମାନେ ରାଧାକୃଷ୍ଣଙ୍କୁ କୁଞ୍ଜ ମଧ୍ୟରେ ଲତାଦୋଳିରେ ବସାଇ 'ଚାଚେରୀ' ଖେଳିଥିଲେ। ସେମାନଙ୍କ ମନ ପ୍ରାଣରେ ଅସରନ୍ତି ପୁଲକ, ଉଦ୍ଦୀପନା ନେଇ 'ଝୁଲାଅ ଗୋ ଝୁଲଣ ଦୋଳି' ଗୀତ ଗାଇ ଦୋଳିକୁ ଝୁଲାଉଥିଲେ।ଦୋଳ ବିମାନକୁ କାରୁକାର୍ଯ୍ୟ ନୂତନ ବସ୍ତ୍ରାଦିରେ ନାନାଜାତି ଫୁଲ ମାଳରେ ଦୋଳି ସଦୃଶ ମଣ୍ଡନ କରାଯାଏ। ଉଦ୍ଦିଷ୍ଟ ଦେବାଦେବୀମାନଙ୍କ ଚଳନ୍ତି ପ୍ରତିମା ଖଟୁଲିରେ ରଖି ବିମାନରେ ସ୍ଥାପନ କରାଯାଏ। ଘଂଟ ଘଂଟା, ଖୋଳ, କରତାଳ, ମୃଦଙ୍ଗ, ଭେରିତୁରୀ, କାହାଳୀ ଓ ଟମକ ଇତ୍ୟାଦି ବଜାଇ ଆଳଟ ଚାମର ପରେ ଏକ ସ୍ୱତନ୍ତ୍ର ପଟୁଆରରେ ଦେବାଦେବୀଙ୍କୁ ଦୋଳ ମଣ୍ଡପକୁ ନେଇଥାନ୍ତି। ସାକର, ଚଣା, ଆମ୍ବ, ମିଷ୍ଟ ପଦାର୍ଥ ଆଦି ଭୋଗ ଲାଗି ଦେବାପରେ ଧୂପ ଦୀପ ଦେଇ ଦୋଳକୁ ଝୁଲାଯାଏ। ବିମାନରେ ଉପବିଷ୍ଟ ଦେବତାମାନେ ଗ୍ରାମ ଦାଣ୍ଡରେ ଯାତ୍ରା କରି, ପ୍ରତି ଦ୍ୱାରରେ ଲୋକମାନଙ୍କ ଠାରୁ ଭୋଗ ଓ ନୈବେଦ୍ୟ ଗ୍ରହଣ କରିଥାଆନ୍ତି। ଏହି ଭୋଗଖିଆରୁ ଜଣାପଡେ ଯେ, ଦେବତା ଓ ମଣିଷ ମଧ୍ୟରେ ଘନିଷ୍ଠ ସମ୍ପର୍କ ବିଦ୍ୟମାନ। ମଣିଷ ସିନା ଦେବତା ପାଖକୁ ଯାଏ, ଦେବତା ମଧ୍ୟ ମଣିଷ ପାଖକୁ ଆସେ। ଦେବତା ଓ ମନୁଷ୍ୟର ମିଳନ ଦୋଳ ଉତ୍ସବରୁ ମିଳେ।

ଶ୍ରୀଜଗନ୍ନାଥ ମନ୍ଦିରରେ ଦୋଳୋତ୍ସବ ଯଥା ରୀତିରେ ପାଳିତ ହୁଏ। ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଶ୍ରୀଗୋବିନ୍ଦ, ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହିତ ଲୋକନାଥ, ଯମେଶ୍ୱର, ମାର୍କଣ୍ଡେଶ୍ୱର, ନୀଳକଣ୍ଠ ଓ କପାଳମୋଚନ ଇତ୍ୟାଦି ପଂଚଦେବଙ୍କ ଗହଣରେ ଜଗନ୍ନାଥ ବଲ୍ଲଭ ମଠ ପର୍ଯ୍ୟନ୍ତ ଯାଇଥାଆନ୍ତି। ଶ୍ରୀ ଗୋବିନ୍ଦ ଲକ୍ଷ୍ମୀ ଓ ସରସ୍ୱତୀଙ୍କ ସହ ଶ୍ରୀମନ୍ଦିର ଦୋଳ ମଣ୍ଡପରେ ଦୋଳବିମାନରେ ୭ ଥର କରି ଏକୋଇଶ ବାର ବୁଲାଯାଏ। ଚତୁର୍ଦ୍ଦଶୀ ରାତିରେ ବହ୍ନି ଉତ୍ସବ ପାଳିତ ହୁଏ। ଏହି ଦୋଳ ଉତ୍ସବ ଫଲଗୁ ଉତ୍ସବ ଭାବେ ପାଳନ କରାଯାଏ।ଦୋଳଯାତ୍ରାର ଫଗୁଖେଳ ଏକ ବିଶେଷ ଆକର୍ଷଣ। ଦୋଳ ବିମାନରେ ଥିବା ଦେବାଦେବୀଙ୍କୁ ପ୍ରଥମେ ଫଗୁ ବା ଅବିର ପ୍ରଦାନ କରାଯାଏ, ତାପରେ ସମସ୍ତେ ଫଗୁ ଦେହରେ ବୋଳି ହୋଇ ରାଧାକୃଷ୍ଣଙ୍କ ନାମରେ ଆନନ୍ଦ ବିଭୋର ହୋଇଉଠନ୍ତି। ସନ୍ଧ୍ୟା ଆରତୀ ପରେ ପଞ୍ଜିକାରମାନେ ଦୋଳ ମଣ୍ଡପରେ ନୂତନ ବର୍ଷର ପଞ୍ଜିକା ପଠନ କରି ଆଗାମି ବର୍ଷର ଶୁଭାଶୁଭ ଲୋକମାନଙ୍କୁ ଶୁଣାଇଥାନ୍ତି ।ଫଗୁ ଜୀବନକୁ କରେ ରଙ୍ଗମୟ, ରଙ୍ଗାୟତ ଜୀବନରେ ବହୁଗୁଣ ନେଇ ବହୁ ରଙ୍ଗନେଇ ସୃଷ୍ଟି ହୁଏ ଅନେକ ରଙ୍ଗ। ଧଳାରଙ୍ଗ ଶାନ୍ତି ଓ କ୍ଷମାର ପ୍ରତୀକ ଦେବାବେଳେ ନାଲି ରଙ୍ଗ ଏକ ନୂତନ ସୂର୍ଯ୍ୟର ଆଭାସ୍, ପ୍ରେମ, ପ୍ରେରଣାର ସୌଭାଗ୍ୟ ସନ୍ତକ ହୋଇଥାଏ। ଗୋଲାପି ରଙ୍ଗ ବିଶ୍ୱ ଭାତୃତ୍ୱକୁ ବାନ୍ଧି ଅବସାଦରୁ ମୁକ୍ତ କରିଥାଏ। ହଳଦୀ ରଙ୍ଗ ଅତି ସୁଖଦାୟୀ ଓ ମଣିଷର ମସ୍ତିଷ୍କକୁ ଅଧିକ ସକ୍ରିୟ କରିଥାଏ। ସବୁଜ ରଙ୍ଗ ଉନ୍ନତ ସ୍ୱାସ୍ଥ୍ୟ ଓ ଆଖିକୁ ଆରାମ ଦେଇଥାଏ। ନୀଳ ରଙ୍ଗ ଅନନ୍ତ ଆକାଶ ଓ ସାଗରର ପ୍ରତୀକ ଭାବେ ଶକ୍ତିର ମହତ୍ୱକୁ ପ୍ରତିପାଦିତ କରେ। ସ୍ୱପ୍ନର ରଙ୍ଗ ସୁନେଲି ଆଧ୍ୟାତ୍ମିକ ଜଗତ ବା ସୂର୍ଯ୍ୟଙ୍କ ଶକ୍ତି ସମ୍ବନ୍ଧିତ ହୋଇଥାଏ। ବାଇଗଣି ରଙ୍ଗ ବିଜୟର ବାର୍ତାବହ। ରହସ୍ୟମୟ ରଙ୍ଗ ହୋଇଛି କଳା, ସେ ହେଉଛି ଶ୍ରୀଜଗନ୍ନାଥଙ୍କ ଆଖିର ରହସ୍ୟ, କଳା ଟୋପା ପିନ୍ଧିଲେ ସମସ୍ତଙ୍କ କୁ ଦୃଷ୍ଟିରୁ ଆମେ ରକ୍ଷା ପାଇଥାଉ।

ରଙ୍ଗମୟ ଜୀବନରେ ରଙ୍ଗର ଆବଶ୍ୟକତା ଓ ହୋଲିର ରଙ୍ଗ ଅନେକ ଲୋକଙ୍କ ପାଇଁ ସ୍ୱତନ୍ତ୍ରତା ରଖିଥାଏ। ରାସାୟନିକ ତଥା ଉତ୍କଟ ବିଷାକ୍ତ ରଙ୍ଗ ମଣିଷର ସଂସ୍ପର୍ଶରେ ଆସିଲେ ଶରୀର ବା ଚର୍ମର କ୍ଷତି ସାଧନ କରିଥାଏ। ତେଣୁ ଅସୁସ୍ଥ ବା ଚିକିତ୍ସା ହେଉଥିବା ଲୋକଙ୍କୁ ଅବିର ଖେଳଠାରୁ ଦୂରେଇ ରଖିବା ଉଚିତ୍।ଦୋଳ ଉତ୍ସବ ହିନ୍ଦୁ ସମାଜରେ ପାଳନ ହେଲେ ମଧ୍ୟ ଗୋପାଳ ସମ୍ପ୍ରଦାୟର ଏକ ପ୍ରଧାନ ଉତ୍ସବ। ବିଶେଷକରି ଗୋପାଳମାନେ ନୂତନ ବସ୍ତ୍ର ପରିଧାନ କରି ଦୋଳଗୋବିନ୍ଦଙ୍କୁ ପୂଜା କରନ୍ତି। ଅଂଟାରେ କାଛଟା ବାନ୍ଧି, ହାତରେ ଲମ୍ବା ବାଡି ଧରି ମୁଣ୍ଡରେ ଜାମୁଡାଳ ଖୋସି ଖେଳ ଖେଳନ୍ତି। ବଂଶୀ ଓ ଶିଙ୍ଗା ନାଦ କରି, ଗୀତରେ ବାଡ଼ି ଖେଳ ପ୍ରଦର୍ଶନ କରନ୍ତି। ଏହି ପର୍ବ ସହୃଦୟତା ଓ ଭାତୃତ୍ୱର ବନ୍ଧନକୁ ନିବିଡ଼ କରେ। ଦୋଳ ଉତ୍ସବ ମଣିଷ ସମାଜରେ ଜାହ୍ନବୀର ଧାରା ସୃଷ୍ଟି କରି ସମାଜକୁ ରଙ୍ଗମୟ କରେ। ପାରାଦ୍ୱୀପଗଡ଼, କୁଜଙ୍ଗ,

ଜଗତ୍‌ସିଂହପୁର
ମୋ.-୯୯୩୭୬୯୧୪୭୫

ଶ୍ରୀକ୍ଷେତ୍ରରେ ଦୋଳପର୍ବ ଓ ଏହାର ବୈଶିଷ୍ଟ୍ୟ

ଉମା ଶଙ୍କର ପ୍ରସାଦ

ଓଡିଶାର ଧର୍ମ ଜଗନ୍ନାଥ ଧର୍ମ ଓ ସଂସ୍କୃତି ଜଗନ୍ନାଥ ସଂସ୍କୃତି। ତିନି ଦେବତାଙ୍କ ପ୍ରତୀକଭାବେ ଯେଉଁ ସଂସ୍କୃତି ମୁଣ୍ଡ ଟେକିଲା, ତାହା ଜଗନ୍ନାଥ ସଂସ୍କୃତିଭାବେ ସର୍ବଜନ ବିଦିତ। ଜାତି, ଧର୍ମ,ବର୍ଣ୍ଣ ନିର୍ବିଶେଷରେ ସାମ୍ୟ,ମୈତ୍ରୀ ହିଁ ଜଗନ୍ନାଥ ସଂସ୍କୃତି। ଲୋକନାଥ ବିଦ୍ୟାଧର ରଚିତ ଗ୍ରନ୍ଥ ନୀଳାଦ୍ରି ମହୋଦୟରେ 'ଦୋଳ ଉତ୍ସବ'ର ବର୍ଣ୍ଣନା ଭକ୍ତ ଭଗବାନଙ୍କର ଅପୂର୍ବ ମିଳନ ସହିତ ଛୁଆଁ ଅଛୁଆଁ, ଉଚ୍ଚ ନୀଚ, ଭେଦଭାବ ଦୂର କରି ତାଙ୍କୁ ସମସ୍ତେ ଦର୍ଶନ କରନ୍ତି। ତେଣୁ କଥାରେ ଅଛି:-

ଦୋଳେଷ୍ଟ ଦୋଳ ଗୋବିନ୍ଦ
ଚାପେଷ୍ଟ ମଧୁସୂଦନ॥
ରଥେ ତୁ ବାମନ ଦୃଷ୍ଟ୍ୱା
ପୁନର୍ଜନ୍ମ ନ ବିଦ୍ୟତେ॥

ଫାଲଗୁନ ମାସ ଅମାବାସ୍ୟାଠାରୁ ଚୈତ୍ରମାସ ବା ମଧୁମାସର ପ୍ରାରମ୍ଭ ହୋଇଥାଏ। ଫାଲଗୁନ ମାସ ପୂର୍ଣ୍ଣୀମାର ଦୋଳ ଉତ୍ସବ ପ୍ରକୃତି ଓ ପୁରୁଷର ମିଳନାତ୍ମକ ବାସନ୍ତୀକ ରାସୋତ୍ସବର ପ୍ରତୀକ। ଏହି ଦୋଳଯାତ୍ରା ଓଡିଶାର ପୁରପଲ୍ଲୀରେ ରାଜଦୋଳ, ପଂଚୁ ଦୋଳ,ଛ'ଦୋଳ, ସାତ ଦୋଳ, ଦଶ ଦୋଳ ଇତ୍ୟାଦି ଫାଲଗୁନ ପୂର୍ଣ୍ଣମୀଠାରୁ ପାଳନ କରାଯାଇଥାଏ। ଫଗୁ ଦଶମୀଠାରୁ ଦୋଳପର୍ବ ଆରମ୍ଭ ହୁଏ। ଦଶମୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଯେତେଦିନ ଦୋଳପର୍ବ ପାଳନ କରାଯାଇଥାଏ, ତାହା ଭିନ୍ନ ଭିନ୍ନ ନାମରେ ନାମିତ ହୋଇଥାଏ। ଏହି ଦୋଳଯାତ୍ରା ସଂସ୍କୃତରେ "ଚର୍ଚ୍ଚରୀ" ବା "ଚାଚେରୀ" ନାମରେ ଅଭିହିତ। ତେଣୁ ଓଡିଶାରେ ସର୍ବତ୍ର ରାଧାକୃଷ୍ଣ, ଶିବପାର୍ବତୀ, ଲକ୍ଷ୍ମୀନାରାୟଣ, ଯୁଗଳମୂର୍ତ୍ତୀର ବାସନ୍ତୀକ ଦୋଳ ଉତ୍ସବ ପାଳନ ହୋଇଥାଏ। ଉତର ପ୍ରଦେଶର ମଥୁରା, ବୃନ୍ଦାବନ, ଦ୍ୱାରକାରେ ରାଧକୃଷ୍ଣଙ୍କ ଲୀଳାର ଅନୁପମ ରାସସ୍ଥଳୀରେ ଦୋଳ, ହୋଲି ପାଳିତ ହୁଏ। ଶ୍ରୀ ରାଧାଙ୍କ ହଜି ଯାଇଥିବା କର୍ଣ୍ଣାଳାଙ୍କର ଖୋଜିବା ମଧ୍ୟରେ ମିଳନ ଉତ୍ସବର ଆରମ୍ଭ। ଫାଲଗୁନ ମାସ ପୂର୍ଣ୍ଣୀମା ତିଥିରେ ବ୍ରଜ ଗୋପାଗଣମାନେ ଗୋମାତାଙ୍କ ଜନ୍ମ ଉତ୍ସବ ଘରେ ଘରେ ମହା ଆନନ୍ଦ ସହକାରେ ପାଳନ କରି ଗୋମାତାଙ୍କୁ ବନ୍ଦାପନା କରନ୍ତି। ଦୋଳପର୍ବ ଓଡିଶାର ଜନମାନସର ପର୍ବ। ଦୋଳପର୍ବରେ ଗୋପାଙ୍ଗନାମାନେ ତାଙ୍କର ପ୍ରିୟତମ ଶ୍ରୀକୃଷ୍ଣଙ୍କ ସହିତ ଚାଚେରୀ ଖେଳି ବାହରନ୍ତି। ଗାଁ ଗହଳି ଦାଣ୍ଡମାନଙ୍କରେ ମେଲନ ପର୍ବ ପାଳନ ହୋଇଥାଏ। ଠାକୁରମାନଙ୍କୁ ବ୍ରାହ୍ମ ମୂହୂର୍ତ୍ତରେ ଦୋଳ ବିମାନରେ ବସାଇ ଖୋଳ, ତାଳ, ଝାଞ୍ଜ, ମସାଲ, ଛତ୍ରିତ୍ରାସ, ସଂକୀର୍ତନ ସହ ମେଳନ ପଡିଆକୁ ଅଣାଯାଏ। ଠାକୁରମାନଙ୍କୁ ସୁଗନ୍ଧ ପୁଷ୍ପ କେତକୀ ଓ ନୂଆ ଆମ୍ବ କଷିମାନ ଲାଗି କରାଯାଇଥାଏ। ଭକ୍ତମାନଙ୍କ ନିମନ୍ତ୍ରଣ କ୍ରମେ ଠାକୁରଙ୍କୁ ପନ୍ତିଭୋଗ ଦିଆଯାଇଥାଏ। ଏହି ଦୋଳପର୍ବର ପ୍ରାଚୀନତା ସମ୍ପର୍କରେ ପଦ୍ମପୁରାଣ, ସ୍କନ୍ଦପୁରାଣ, ହରିଭକ୍ତ ବିଳାସ, ବ୍ରହ୍ମାଣ୍ଡ ପୁରାଣ, ଗୋପାଳ ଓଗାଳ, ଋତୁ ସଂହାର, ଅନଙ୍ଗୋତ୍ସବ ଇତ୍ୟାଦିରେ ବିଶଦଭାବରେ ବର୍ଣ୍ଣିତ ହୋଇଛି। ଓଡିଶାର ରାଷ୍ଟ୍ର ଦେବତା ଶ୍ରୀ ଜଗନ୍ନାଥ, ପ୍ରତ୍ୟେକ ପର୍ବପର୍ବାଣୀ ଶ୍ରୀ କ୍ଷେତ୍ରରେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରୁ ବ୍ୟାପ୍ତ। ଶ୍ରୀ ଜଗନ୍ନାଥଙ୍କର ଫଲଗୁ ଉତ୍ସବ ଦ୍ୱାରକାଲୀଳା ମତେ ଅନୁଷ୍ଠିତ ହୁଏ। ଦଶମୀ ଦିନ ମଧ୍ୟାହ୍ନ ଧୂପ ପରେ ସେବକମାନଙ୍କଦ୍ୱାରା ବିଜେ ହୋଇ ବଟମୂଳରେ ଥିବା ବିମାନରେ ଉପବେଶନ ହୋଇ ଘଂଟ, କାହାଳୀ ସହ ସିଂହଦ୍ୱାର ଦେଇ ଶ୍ରୀ ଜଗନ୍ନାଥଙ୍କ ବସନ୍ତ ଉତ୍ସବ ଜଗନ୍ନାଥ ବଲ୍ଲଭଙ୍କୁ ବିଜେ କରନ୍ତି। ତାଙ୍କ ସହିତ ପାଂଚଟି ବିମାନରେ ପଂଚୁପାଣ୍ଡବ, ଜମ୍ଭେଶ୍ୱର, କପାଳମୋଚନ, ଲୋକନାଥ, ମାର୍କଣ୍ଡେୟ, ନୀଳକଣ୍ଠ ଯାଇଥାନ୍ତି। ସେଠାରେ ଆଳତୀ ପରେ ଦୋଳବେଦୀ ଗରିପଟେ ପ୍ରଦକ୍ଷଣ କରି ଦକ୍ଷିଣାମୂଖୀ ହୋଇ ଦୋଳୀରେ ବିଜେ କରନ୍ତି। "ନିଳାଦ୍ରୀ ମହୋଦୟ" ଅନୁସାରେ:-"ଏବେ ଶୁଣ ଜନମାନେ ଦୋଳକଥା, ଯାହା ଶୁଣି ନାଶଯିବ ଭବବ୍ୟଥା"। ସର୍ବଶେଷରେ ଯେଉଁ ଭକ୍ତ ଏହି ଦୋଳବେଦୀରେ ପ୍ରଭୁଙ୍କୁ ଦର୍ଶନ କରିଥାଏ ସେ ଅଶେଷ ପୂଣ୍ୟ ଅର୍ଜନ କରିବା ସହ ଆଉ ସଂସାର ବନ୍ଧନରେ ପଡି ନ ଥାଏ। ଦୋଳବେଦୀରେ ନୂତନ "ପଞ୍ଜିକା" ପାଠ କରାଯାଇ ରାଷ୍ଟ୍ର ଦେବତାଙ୍କ ପାଖେ ରାଷ୍ଟ୍ର ଫଳାଫଳ ଶୁଣାଯାଏ। ଏହା ହେଉଛି ଜଗନ୍ନାଥ ଧାମରେ ଦୋଳପର୍ବର ବୈଶିଷ୍ଟ୍ୟ।

ସ୍ତମ୍ଭକାର,ମାର୍ଗଦର୍ଶୀ
ଖୋର୍ଦ୍ଧା, ମୋ ନଂ- ୬୩୭୦୬୭୫୫୬୨

ବିପିୟୁଟି-ଇଣ୍ଡଷ୍ଟ୍ରି ଏକାଡେମିଆ କନକ୍ଲେଭ ୨.୦ ଉଦ୍‌ଘାଟିତ

କୌଶଳଭିତ୍ତିକ ଶିକ୍ଷା ଓ ନିଯୁକ୍ତି ସୁଯୋଗ ବୃଦ୍ଧି ଉପରେ ଗୁରୁତ୍ୱ

ଫୁଲନଖରା : ରାଜ୍ୟର ବୈଷୟିକ ଓ ପରିଚାଳନା ଶିକ୍ଷାକୁ ଶିଳ୍ପ କ୍ଷେତ୍ର ସହ ଅଧିକ ସଂଯୋଜିତ କରି ଛାତ୍ରଛାତ୍ରୀଙ୍କୁ ନିଯୁକ୍ତିମୁଖୀ, କୌଶଳଭିତ୍ତିକ ଓ ଗବେଷଣାମୂଖୀ ଶିକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ ଟେକ୍ନୋଲୋଜି (ବିପିୟୁଟି) ଓ ଓଡିଶା ମ୍ୟାନେଜମେଣ୍ଟ କଲେଜ ଆସୋସିଏସନ୍ (ଓମକା) ଙ୍କ ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ସିଏସଆଇଆର-ଆଇଏମଏମଟି ଅଡିଟୋରିୟମ୍‌ରେ ଦୁଇଦିନିଆ "ବିପିୟୁଟି-ଇଣ୍ଡଷ୍ଟ୍ରି ଏକାଡେମିଆ କନକ୍ଲେଭ ୨.୦" ସଫଳତାର ସହ ଉଦଘାଟିତ ହୋଇଯାଇଛି। "ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ପାଇଁ ସ୍ଥାୟୀ ଶିକ୍ଷା : ବିପିୟୁଟିର ଭୂମିକା" ଶୀର୍ଷକ ଏହି କନକ୍ଲେଭରେ ଶିକ୍ଷା, ଗବେଷଣା ଓ ଶିଳ୍ପ କ୍ଷେତ୍ର ମଧ୍ୟରେ ସୁଦୃଢ଼ ସମ୍ପର୍କ ସ୍ଥାପନ, ପାଠ୍ୟକ୍ରମର ଆଧୁନିକୀକରଣ, ଇଣ୍ଟର୍ନସିପ୍ ଓ ନିଯୁକ୍ତି ସୁଯୋଗ ବୃଦ୍ଧି ସହ ନବୀନ ଗବେଷଣାକୁ ପ୍ରୋତ୍ସାହନ ଦେବା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିଲା। କନକ୍ଲେଭର ଉଦ୍ଘାଟନୀ ଅଧିବେଶନରେ ବିପିୟୁଟିର କୁଳପତି ପ୍ରଫେସର ଡ଼. ଅମିୟ କୁମାର ରଥ

ସ୍ୱାଗତ ଭାଷଣ ରଖି ଉଚ୍ଚଶିକ୍ଷାରେ ଗୁଣବତ୍ତା, ଗବେଷଣା ଓ ଶିଳ୍ପ ସହ ସମନ୍ୱୟକୁ ଆଗାମୀ ଦିନର ସଫଳତାର ମୂଳ ଆଧାର ବୋଲି ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ, ଆଜିର ପ୍ରତିସ୍ପର୍ଦ୍ଧୀ ଯୁଗରେ କେବଳ ପାଠ୍ୟଜ୍ଞାନ ପର୍ଯ୍ୟାପ୍ତ ନୁହେଁ; ଛାତ୍ରଛାତ୍ରୀଙ୍କୁ ଶିଳ୍ପକ୍ଷେତ୍ରର ଆବଶ୍ୟକତା ଅନୁଯାୟୀ କୌଶଳ, ନବଚିନ୍ତନ ଓ ପ୍ରୟୋଗମୂଖୀ ଜ୍ଞାନ ଅର୍ଜନ କରିବା ଆବଶ୍ୟକ।ଓମକାର ଅଧ୍ୟକ୍ଷ ଡ଼. ଆର୍ଯ୍ୟ ପଟ୍ଟନାୟକ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଓ ଶିଳ୍ପ ସଂସ୍ଥାମାନଙ୍କର ସମନ୍ୱୟ ହେଲେ ଛାତ୍ରଛାତ୍ରୀମାନେ ବାସ୍ତବ କାର୍ଯ୍ୟପରିବେଶ ସହ ପରିଚିତ ହୋଇ ଅଧିକ ସକ୍ଷମ ଓ ଆତ୍ମବିଶ୍ୱାସୀ ହୋଇପାରିବେ। ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡ଼. ରାମାନୁଜ ନାରାୟଣ ଶିକ୍ଷାନୁଷ୍ଠାନ ଓ ଶିଳ୍ପ କ୍ଷେତ୍ରର ମଧ୍ୟରେ ଘନିଷ୍ଠ ସମ୍ପର୍କ ଗଠନ ମାଧ୍ୟମରେ ଗବେଷଣା ଓ ନବାନ୍ୱେଷଣକୁ ନୂତନ ଦିଗ ମିଳିବ ବୋଲି ମତ ପ୍ରକାଶ କରିଥିଲେ। ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଆଧୁନିକ ସମୟର ଚାହିଦା ଅନୁଯାୟୀ ପାଠ୍ୟକ୍ରମର ସଂଶୋଧନ ଓ କୌଶଳଭିତ୍ତିକ ଶିକ୍ଷାର ପ୍ରଚାର ମାଧ୍ୟମରେ ଯୁବପିଢ଼ୀଙ୍କୁ ଆତ୍ମନିର୍ଭରଶୀଳ କରାଯାଇପାରିବ। ସେ ରାଜ୍ୟ ସରକାର ଯୁବ ସମାଜକୁ ଶିଳ୍ପମୁଖୀ ଶିକ୍ଷା ଯୋଗାଇବାରେ ସଦା ପ୍ରତିବଦ୍ଧ ବୋଲି ଉଲ୍ଲେଖ କରିଥିଲେ। ଏହି ଅବସରରେ ବିପିୟୁଟି ଓ ବିଭିନ୍ନ ପ୍ରମୁଖ ଶିଳ୍ପ ସଂସ୍ଥାମାନଙ୍କ ମଧ୍ୟରେ ଏକାଧିକ ସମଝୌତା ସ୍ମାରକ (ଗକ୍ଟ) ସ୍ୱାକ୍ଷରିତ ହୋଇଥିଲା। ଏହା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପାଇଁ ଇଣ୍ଟର୍ନସିପ୍, ଲାଇଭ୍ ପ୍ରୋଜେକ୍ଟ, ଗବେଷଣା ସହଯୋଗ ଓ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଦୁଇଦିନିଆ କନକ୍ଲେଭରେ ରାଜ୍ୟର ବିଭିନ୍ନ ଇଞ୍ଜିନିୟରିଂ ଓ ପରିଚାଳନା ମହାବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକ, ଗବେଷକ, ଶିଳ୍ପପତି ଓ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଯୋଗଦେଇଥିଲେ। ପାଠ୍ୟକ୍ରମର ଆଧୁନିକୀକରଣ, କୃତ୍ରିମ ବୁଦ୍ଧିମତ୍ତା, ଉଦ୍ୟମୀତା, ଷ୍ଟାର୍ଟଅପ୍ ସଂସ୍କୃତି, ଗବେଷଣା ଓ ନିଯୁକ୍ତି ସମ୍ଭାବନା ସମ୍ବନ୍ଧୀୟ ବିଭିନ୍ନ ଟେକ୍ନିକାଲ୍ ସେସନ୍, ପ୍ୟାନେଲ୍ ଡିସକସନ୍ ଓ ଇଣ୍ଟରାକ୍ଟିଭ୍ ଅଧିବେଶନ ଆୟୋଜିତ ହୋଇଥିଲା। ଅଧିବେଶନ ଶେଷରେ ବିପିୟୁଟିର ରେଜିଷ୍ଟ୍ରାର ଶ୍ରୀମତୀ ନିଶି ପୂନମ ମିଞ୍ଜ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି କନକ୍ଲେଭକୁ ସଫଳ ଭାବେ ପରିଚାଳନା କରିବାରେ ଓମକାର ସମ୍ପାଦକ ଡ଼. ବଙ୍କିମ ମହାନ୍ତି, ବିପିୟୁଟିର ପ୍ରଫେସର ଡ଼. ବିକ୍ରମାଦିତ୍ୟ ଦାସ ଏବଂ ଓମକାର କୋଷାଧ୍ୟକ୍ଷ ଡ଼. ସୁଧାଂଶୁ ଶେଖର ଦାସଙ୍କ ସହ ଅନ୍ୟାନ୍ୟ ସଦସ୍ୟମାନେ ବିଶେଷ ଭୂମିକା ଗ୍ରହଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମ ରାଜ୍ୟର ବୈଷୟିକ ଶିକ୍ଷା ବ୍ୟବସ୍ଥାକୁ ଶିଳ୍ପ କ୍ଷେତ୍ରର ବାସ୍ତବ ଚାହିଦା ସହ ସମନ୍ୱୟ କରିବାରେ ଏକ ମାଇଲଫଳକ ସାବ୍ୟସ୍ତ ହେବ ବୋଲି ଅତିଥି ଓ ଅଂଶଗ୍ରାହୀମାନେ ଆଶା ବ୍ୟକ୍ତ କରିଥିଲେ। ଏହା ମାଧ୍ୟମରେ "ସମୃଦ୍ଧ ଓଡ଼ିଶା" ଏବଂ "ବିକଶିତ ଭାରତ" ଗଠନରେ ଯୁବଶକ୍ତିର ଭୂମିକା ଅଧିକ ସୁଦୃଢ଼ ହେବ ବୋଲି ମତ ପ୍ରକାଶ ପାଇଥିଲା।

ଡେଲିଭରୀ ଟ୍ରକରେ ଗଞ୍ଜେଇ ଚାଲାଣ, ଦୁର୍ଘଟଣା ପରେ ଖୋଲିଗଲା ପୋଲ

୨୦ କିଲୋରୁ ଅଧିକ ଗଞ୍ଜେଇ ଜବତ

ବାଲେଶ୍ୱର : ସୋର ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଚପରାପଦା ନିକଟରେ ଘଟିଥିବା ଦୁଇଟି ଟ୍ରକ ଦୁର୍ଘଟଣା ପରେ ଗଞ୍ଜେଇ ଚାଲାଣର ଏକ ଅଭିନବ ଉପାୟ ପଦାକୁ ଆସିଛି। ଦୁର୍ଘଟଣା ପରେ ପୁଲିସ ଏକ କଣ୍ଟେନରରୁ ୨୦ କିଲୋରୁ ଅଧିକ ଗଞ୍ଜେଇ ଜବତ କରିଥିବା ସୂଚନା ମିଳିଛି।ସୂଚନା ଅନୁସାରେ, ଗତ ସୋମବାର ବିଳମ୍ବିତ ରାତିରେ ଚପରାପଦା ନିକଟରେ ଏକ ସିମେଣ୍ଟ ବୋଝେଇ ଟ୍ରକ ରାସ୍ତା କଡ଼ରେ ଛିଡା ହୋଇଥିବା ବେଳେ ଭଦ୍ରକରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ଏକ କଣ୍ଟେନର ଟ୍ରକ ତାହାକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଉଭୟ ଗାଡ଼ି କ୍ଷତିଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ପରେ ଉଭୟ ଗାଡ଼ିର ଚାଳକ ଫେରାର ହୋଇଯାଇଥିବା ବେଳେ ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ କଣ୍ଟେନର ଭିତରୁ ୨୦ କିଲୋରୁ ଅଧିକ ଗଞ୍ଜେଇ ଜବତ କରାଯାଇଥିଲା।ତେବେ ଏହି ଗଞ୍ଜେଇ କେଉଁଠାରୁ ଆସୁଥିଲା ଏବଂ କେଉଁ ଠିକଣାକୁ ଚାଲାଣ ହେଉଥିଲା, ସେନେଇ ପୁଲିସ ତଦନ୍ତ ଜାରି ରଖିଛି। ଫେରାର ଚାଳକମାନଙ୍କୁ ଧରିବା ପାଇଁ ମଧ୍ୟ ପୁଲିସ ପକ୍ଷରୁ ଚେଷ୍ଟା ଚାଲିଥିବା ଜଣାପଡ଼ିଛି।

ନୂଆପଡାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଚିକିଟୀ : ଚିକିଟୀ ବ୍ଲକ ନୂଆପଡା ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଠାରେ ପଞ୍ଚାୟତ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା। ଚିକିଟୀ ବିଡ଼ିଓ ବିବେକାନନ୍ଦ ମିଶ୍ର, ଏବିଡ଼ିଓ ଚକ୍ରଧର ପ୍ରଧାନ, ସିଡିପିଓ ବି ମଣିମାଳା, ସ୍ଥାନୀୟ ସରପଞ୍ଚ ବି ସନମୁଖ ରାଓ, ବିପିସି ରାମକୃଷ୍ଣ ବେହେରା, ଜେଇ କାଳୀ ପ୍ରସାଦ ପ୍ରଧାନ, ସହଦ୍ୱେ ମଡେଇ ପ୍ରମୁଖ ଙ୍କ ସମେତ ବିଭିନ୍ନ ଲାଇନ ବିଭାଗ ର ଅଧିକାରୀ ମାନେ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ଏହି ଅଭିଯୋଗ ଶୁଣାଣି ଶିବିର ରେ ଭତ୍ତା,ରାସନ, ଆବାସ ଘରପଟା ଆଦି ସମସ୍ୟା ନେଇ ୧୦ ଗୋଟି ଅଭିଯୋଗ ହୋଇଥିବା ବେଳେ ତ୍ୱରିତ ସମାଧାନ ଲାଗି ବିଡ଼ିଓ ଶ୍ରୀ ମିଶ୍ର ବିଜଣ ଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ରାଜସ୍ୱ ବିଭାଗ ପକ୍ଷରୁ ୧୧ ଗୋଟି ଗ୍ରାମକଣ୍ଠକ ପଟା ହିତାଧିକାରୀ ଙ୍କୁ ବଣ୍ଟନ କରାଯାଇଥିଲା। ଏହି ଶିବିର ରେ ସ୍ଥାନୀୟ ପିଇଓ ଙ୍କ ସମେତ ବ୍ଲକ ଓ ତହସିଲ ର ବହୁ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

ଅତିରିକ୍ତ ଜିଲ୍ଲାପାଳଙ୍କୁ ଓୟୁଜେ ସଦସ୍ୟଙ୍କ ସୌଜନ୍ୟ ମୂଳକ ସାକ୍ଷାତ

ବାଲେଶ୍ୱର : ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ର ସଦସ୍ୟ ମାନେ ଆଜି ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ଏହି ସାକ୍ଷାତ ସମୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଖୁଣ୍ଟିଆ ବାଲେଶ୍ୱର ଜିଲ୍ଲାର ଭୌଗଳିକ ସ୍ଥିତି, ସ୍ୱାଧୀନତା ସଂଗ୍ରାମ ର ଅବଦାନ, ସାହିତ୍ୟ , ସଂସ୍କୃତି , ଲୋକକଳା ବିଷୟରେ ଆଲୋଚନା କରିଥଲେ।ବିଶେଷ କରି ଫକୀର ମୋହନ ସେନାପତିଙ୍କ କାଳଜୟୀ ଲେଖା ତାଙ୍କୁ ବେଶ ଅନୁପ୍ରାଣିତ କରିଛି ବୋଲି ସେ କହିଥିଲେ। ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ ଓ ଜାତୀୟ କାର୍ଯ୍ୟକାରୀଣି ସଦସ୍ୟ ରାମ ନାରାୟଣ ଶତପଥି ଓଡ଼ିଶା ସାମ୍ବାଦିକ ୟୁନିଅନର ବିଭିନ୍ନ ସମୟରେ କରାଯାଉଥିବା କାର୍ଯ୍ୟକ୍ରମ ସଂମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ

ଙ୍କୁ ଅବଗତ କରାଇଥିଲେ।ବାଲେଶ୍ୱର ଜିଲ୍ଲାରେ ସଧାରଣ ଲୋକଙ୍କ ସର୍ବନିମ୍ନ ସମସ୍ୟା ସମାଧାନ ପାଇଁ କାର୍ଯ୍ୟ କରିବା ସହିତ ସାମ୍ବାଦିକ ବନ୍ଧୁ ମାନଙ୍କ ଜିଲ୍ଲା ର ସମସ୍ୟା ଜନିତ ଖବର ପ୍ରତି ଅଧିକ ଧ୍ୟାନ ଦେବେ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଥିଲେ। ଏହି ସୌଜନ୍ୟ ମୂଳକ ସାକ୍ଷାତ ବେଳେ ଓଡ଼ିଶା ସାମ୍ବାଦିକ ୟୁନିଅନର ଜିଲ୍ଲା ଶାଖା ସଭାପତି ଗଙ୍ଗାଧର ରାଉତ, ଜାତୀୟ କାର୍ଯ୍ୟକାରିଣି ସଦସ୍ୟ ରାମନାରାୟଣ ଶତପଥି, ଜୋନାଲ ସମ୍ପାଦକ ରବୀନ୍ଦ୍ର ମହାକୁଡ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ବରିଷ୍ଠ ସାମ୍ବାଦିକ କଞ୍ଚମଣି ସ୍ୱାଇଁ, ସଞ୍ଜୟ ମହାଳିକ ,ପ୍ରଦୀପ କୁମାର ବେରା ପ୍ରମୁଖ ଉପସ୍ଥିତ ଥିଲେ।

ଶାଳାର ଫାଉଣ୍ଡେସନ ତରଫରୁ ଦେଶୀ ଧାନ ବିହନ ବଣ୍ଟନ

ରାୟଗଡ଼ା : ରାୟଗଡ଼ା ଖବର ରାୟଗଡ଼ା ବ୍ଲକ ଅନ୍ତର୍ଗତ କୁମ୍ଭିକୋଟା ଗ୍ରାମପଞ୍ଚାୟତର ଉଦୟପୁର, ପିଚୁଡ଼ି ଏବଂ ଫୁଲକୋଣା ଗ୍ରାମରେ ଶାଳାର ଫାଉଣ୍ଡେସନ ପକ୍ଷରୁ ଦେଶୀ ଧାନ ବିହନ ବଣ୍ଟନ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କାଳାଜୀରା, ମାଛକାଣ୍ଟା ଏବଂ କୁଡେଇଚୁଡ଼ି ପ୍ରଜାତିର ଦେଶୀ ଧାନ ବିହନ ୫୦ ଜଣ ଚାଷୀଙ୍କୁ ବଣ୍ଟନ କରାଯାଇଥିଲା। ପ୍ରତ୍ୟେକ ଚାଷୀଙ୍କୁ ୫ କେଜି କରି ବିହନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶୀ ବିହନର ସଂରକ୍ଷଣ, ଜୈବିକ ଚାଷର ପ୍ରଚାର ପ୍ରସାର ଏବଂ ଚାଷୀମାନଙ୍କୁ ପାରମ୍ପରିକ କୃଷି ପଦ୍ଧତି ସହିତ ଯୋଡ଼ି ରଖିବା।, ଦିନକୁ ଦିନ ଚାଷୀ ମାନେ ଚାଷ କରିବା ନିମନ୍ତେ ଧାନ ପାଇଁ ମୁଖ୍ୟତଃ ସରକାରୀ ବିହନ ବା ଅନ୍ୟ ବଜାର ଉପରେ ନିର୍ଭର କରିଥାନ୍ତି। ଏହା ଦ୍ୱାରା ସେମାନଙ୍କ ସମୟ ନଷ୍ଟ ହେବା ସହ ବିହନ ମଧ୍ୟ ଠିକ ଭାବରେ ଗଜା ହେଉନାହିଁ ।ଦେଶୀ ବିହନ ଚାଷ ଦ୍ୱାରା ମାଟିର ଉର୍ବରତା ବୃଦ୍ଧି ସହ ପରିବେଶ ସୁରକ୍ଷା ହେବା ସହ ଚାଷୀମାନେ ଅଧିକ ଲାଭାନ୍ୱିତ ହେବେ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଶାଳାର ଫାଉଣ୍ଡେସନର ମୁଖ୍ୟ ଶ୍ରୀ ପ୍ରମୋଦ କୁମାର ପଣ୍ଡା ଉପସ୍ଥିତ ଥିଲେ। ସେହିପରି ସଂସ୍ଥାର ଶ୍ରୀମତୀ ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ଦୀପ୍ତିମୟୀ ନାୟକ, ରଞ୍ଜନ ମାଣ୍ଡାଙ୍ଗୀ ଏବଂ ନର୍ସ କୁଲେସିକା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ ଚାଷୀମାନେ ଶାଳାର ଫାଉଣ୍ଡେସନର ଏହି ପ୍ରୟାସକୁ ସ୍ୱାଗତ କରି ଭବିଷ୍ୟତରେ ଏପରି କାର୍ଯ୍ୟକ୍ରମ ଆହୁରି ବଢ଼ିବାକୁ ଆଶା ପ୍ରକାଶ କରିଥିଲେ।

ବିଜେପି ପକ୍ଷରୁ ମହିଳା ଜନ ଆକ୍ରୋଶ ସମାବେଶ

ବିରୋଧୀଙ୍କ ବିରୁଦ୍ଧରେ ରାଲି, ସାଧାରଣ ସଭାରେ ନାରୀଙ୍କ ଗର୍ଜନ

ବୌଦ୍ଧ : ବୌଦ୍ଧ ଜିଲ୍ଲା ପୁରୁଣାକଟକ ବିଜେପି ମଣ୍ଡଳ ପକ୍ଷରୁ ମଙ୍ଗଳବାର ଦିନ ଏକ ବିଶାଳ ମହିଳା ଜନ ଆକ୍ରୋଶ ସମାବେଶ ଆୟୋଜିତ ହୋଇଥିଲା। ବିରୋଧୀଙ୍କ ବିଭିନ୍ନ ନୀତି ଓ ମହିଳା ସମସ୍ୟାକୁ ନେଇ ଆୟୋଜିତ ଏହି ସମାବେଶରେ ବହୁ ସଂଖ୍ୟକ ମହିଳା ଯୋଗଦେଇ ନିଜ ଅସନ୍ତୋଷ ପ୍ରକାଶ କରିଥିଲେ। ସମାବେଶ ଅବସରରେ ପ୍ରଥମେ ଏକ ବିଶାଳ ରାଲି ଆୟୋଜିତ ହୋଇଥିଲା। ପୁରୁଣାକଟକ ହନୁମାନ ମନ୍ଦିର ରୁ ମହିଳାମାନେ ସ୍ଲୋଗାନ ଦେଇ ଅଞ୍ଚଳ ପରିକ୍ରମା କରି ବିରୋଧୀଙ୍କ ବିରୋଧରେ ନିଜ ମତ ପ୍ରକାଶ କରିଥିଲେ। ଏପରିକି ବିରୋଧୀ ନେତା ଙ୍କ କୁଶ ପୁତଳିକା ଦାହ କରାଯିବା ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଯୋଗଦେଇଥିବା ମହିଳାମାନେ ନିଜର ସ୍ୱାଭିମାନ, ସୁରକ୍ଷା ଓ ଅଧିକାର ପାଇଁ ଗର୍ଜନ କରିଥିଲେ। ମହିଳାଙ୍କ ସମସ୍ୟା, ସୁରକ୍ଷା ଓ ସମାଜରେ ସମ୍ମାନର ପ୍ରଶ୍ନ ଉଠାଇଥିଲେ। ଆଗାମୀ ଦିନରେ ମହିଳାଙ୍କ ଅଧିକାର ଓ ସମ୍ମାନ ପାଇଁ ଆନ୍ଦୋଳନ ଆହୁରି ଜୋରଦାର ହେବ ବିରୋଧୀ ଙ୍କୁ ଜବାବ ଦିଆଯିବ ବୋଲି ମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେପିର ସ୍ଥାନୀୟ ବିଜେପି ନେତୃବୃନ୍ଦ, ମହିଳା କର୍ମୀ ଓ ବହୁ ସଂଖ୍ୟକ ସାଧାରଣ ଲୋକ ଯୋଗ ଦେଇ ଥିଲେ।

ଜିଲ୍ଲା ବିଜେପିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ

ବାଲେଶ୍ୱର : ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟ-୧ ନିକଟସ୍ଥ ଜିଲ୍ଲା ବିଜେପି କାର୍ଯ୍ୟାଳୟ ରେ ଜିଲ୍ଲା ବିଜେପି ର ସାଂଗଠାନିକ ବୈଠକ ଅନୁଷ୍ଠିତ ହୋଇଯାଇଛି, ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକ ରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ରହି ଆଗାମୀ ମଇ ୧୯ ଓ ୨୦ ତାରିଖ ରେ ହେବାକୁ ଥିବା ଜିଲ୍ଲା ପ୍ରଶିକ୍ଷଣ ବର୍ଗ ବିଷୟ ରେ ଦାୟିତ୍ୱ ବଣ୍ଟନ କରିଥିଲେ, ଜିଲ୍ଲା ସଭାପତି ଶ୍ରୀଯୁକ୍ତ ବେହେରା ଉକ୍ତ ପ୍ରଶିକ୍ଷଣ ରେ ସମୟ ସାରଣୀ ଓ ସତ୍ର ଉପରେ ଆଲୋକ ପାତ କରିଥିଲେ,ଜିଲ୍ଲା ପ୍ରଭାରୀ ଗୌଉମ ରାୟ, ଗତ ପର୍ଷିମ ବଙ୍ଗ ନିର୍ବାଚନ ରେ ବାଲେଶ୍ୱର ଜିଲ୍ଲା ବିଜେପି କାର୍ଯ୍ୟକର୍ତ୍ତା ଙ୍କ ପରିଶ୍ରମ ରେ ଦଳ

ବିଜୟ ନେଇ ଜିଲ୍ଲା ବିଜେପି କୁ ଧନ୍ୟବାଦ୍ ଦେଇଥିଲେ,ଜିଲ୍ଲା ପ୍ରଶିକ୍ଷଣ ଶିବିର ପ୍ରଭାରୀ ଆଶୁତୋଷ ପରିଡ଼ା, ସହ ପ୍ରଭାରୀ ହିତେଶ ମହାପାତ୍ର ଙ୍କ ସମେତ ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ର ଶେଖର ନନ୍ଦ, ଡଃ ଅଣୁ ମାଧବ ପଣ୍ଡା, ରାଜ୍ୟ ଉପ ସଭାପତି ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଷମା ରାଣୀ ବିଶ୍ୱାଳ ଓ ମମତା ମହାପାତ୍ର, ପୂର୍ବତନ ଜିଲ୍ଲା ସଭାପତି ଲମ୍ବୋଦର ନାୟକ,ଜିଲ୍ଲା ଉପ ସଭାପତି ଗୌରାଙ୍ଗ ଚରଣ ଦାସ, ବିଜୟ ସାହୁ, ଅଜୟ ପଣ୍ଡା, ସିପ୍ରା ରେଖା ମହାପାତ୍ର, ସସ୍ମିତା ଚାନ୍ଦ, ଜିଲ୍ଲା ଗଣ ମାଧ୍ୟମ ସହ ସଂଯୋଜକ ରଣଜିତ୍ ପୃଷ୍ଟି,ସମ୍ପାଦକ ନିରାକାର ପଣ୍ଡା, ରାକେଶ ମହାପାତ୍ର, ରବିତା ଦାସ, ରୋଜାଲିନ ପାଣି, ଶୁଭଦ୍ରା ପାଢ଼ୀ, କୋଷାଧ୍ୟକ୍ଷ ମୋହିତ ପୋଦ୍ଦାର, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁସ୍ମିତା ପଣ୍ଡା, ଯୁବ ମୋର୍ଚ୍ଚା ସଭାପତି ନାରାୟଣ ମହନ୍ତ, କୃଷକ ମୋର୍ଚ୍ଚା ସଭାପତି ତାପସ ମହାନ୍ତି, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ସନ୍ତୋଷ ସେଠୀ, ଅନୁସୂଚିତ ଜନଜାତି ମୋର୍ଚ୍ଚା ସଭାପତି ସମୟ ଟୁଡୁ, ସଂଖ୍ୟା ଲଘୁ ମୋର୍ଚ୍ଚା ସଭାପତି ଶେଖ୍ ଅତିଉଲାହ, ବରିଷ୍ଠ କାର୍ଯ୍ୟକର୍ତ୍ତା ଭଗବାନ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ କାର୍ଯ୍ୟକ୍ରମ ପ୍ରାରମ୍ଭ ରେ ରାଷ୍ଟ୍ରୀୟ ବନ୍ଦନା ଶେଷ ରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା ଏହି କାର୍ଯ୍ୟକ୍ରମ ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ର ଶେଖର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲା ସମ୍ପାଦକ ରାଜେଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

'ସୋମନାଥ ସ୍ୱାଭିମାନ ପର୍ବ' ଅନୁଷ୍ଠିତ

ଭାରତୀୟ ସଂସ୍କୃତି ଓ ସ୍ୱାଭିମାନର ଗୌରବ ଗାଥା ପ୍ରତିଧ୍ୱନିତ

ବାଲେଶ୍ୱର : ଜିଲ୍ଲା ପ୍ରଶାସନ, ବାଲେଶ୍ୱର ଏବଂ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ଯୁଗ୍ମ ଆୟୋଜନରେ ପୁରୁଣା ବାଲେଶ୍ୱରସ୍ଥିତ ପ୍ରସିଦ୍ଧ ବାଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ 'ସୋମନାଥ ସ୍ୱାଭିମାନ ପର୍ବ' ଭବ୍ୟ ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଭାରତର ସାଂସ୍କୃତିକ ପୁନରୁତ୍ଥାନ, ଐତିହ୍ୟ ଓ ଜାତୀୟ ସ୍ୱାଭିମାନର ପ୍ରତୀକ ସୋମନାଥ ମନ୍ଦିରର ଗୌରବମୟ ଇତିହାସକୁ ସ୍ମରଣ କରି ଏହି ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୁଜୁରାଟସ୍ଥିତ ସୋମନାଥ ମନ୍ଦିରରୁ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପୂଜାର୍ଚ୍ଚନାର ସିଧା ପ୍ରସାରଣ ଏବଂ ସୋମନାଥ ମନ୍ଦିରର ଭବ୍ୟତାକୁ ନେଇ ଏକ ଦୃଶ୍ୟାବଳୀ ପ୍ରଦର୍ଶିତ କରାଯାଇଥିଲା ତାପରେ ସେ ନିଜର ବାର୍ତ୍ତା

ରଖିଥିଲେ। 'ଅମୃତ ଆତ୍ମାର ଗୌରବ ଗାଥା' ଶୀର୍ଷକରେ ଆୟୋଜିତ ଏହି ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁ, ସ୍ଥାନୀୟ ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବାଲେଶ୍ୱର ବିଧାୟକ ଶ୍ରୀ ମାନସ ଦତ୍ତ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମାନ୍ୟବର ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ସବିତା ସାହୁ, ସ୍ଥାନୀୟ ପାରିଷଦବୃନ୍ଦ ଓ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଖୁଣ୍ଟିଆ ଉପସ୍ଥିତ ଥିଲେ। ଜିଲ୍ଲା ସଂସ୍କୃତି ବିଭାଗର ଅତିରିକ୍ତ ଦାୟିତ୍ୱରେ ଥିବା ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିଥିଲେ। ଅତିଥିମାନେ ଦୀପ ପ୍ରଜ୍ୱଳନ କରିବା ସହ ସୋମନାଥଙ୍କ ମହିମା ଏବଂ ଭାରତୀୟ ସଂସ୍କୃତିର ସୁରକ୍ଷା ଓ ସଂରକ୍ଷଣ ପାଇଁ ସଂକଳ୍ପ ଗ୍ରହଣ କରିଥିଲେ। ଅତିଥିମାନେ ତାଙ୍କ ଉଦ୍ବୋଧନରେ କହିଥିଲେ ଯେ, ସୋମନାଥ ମନ୍ଦିର କେବଳ ଏକ ଧାର୍ମିକ ପୀଠ ନୁହେଁ, ବରଂ ଭାରତୀୟ ସଭ୍ୟତାର ସ୍ୱାଭିମାନ, ସଂଘର୍ଷ ଓ ପୁନରୁତ୍ଥାନର ଜୀବନ୍ତ ପ୍ରତୀକ।ଉଲ୍ଲେଖନୀୟ ଯେ, ୧୦୨୬ ମସିହାର ଆକ୍ରମଣର ୧୦୦୦ ବର୍ଷ ପୂର୍ତ୍ତି ଏବଂ ୧୯୫୧ ମସିହାରେ ସୋମନାଥ ମନ୍ଦିରର ପୁନଃନିର୍ମାଣର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ 'ସୋମନାଥ ସ୍ୱାଭିମାନ ପର୍ବ' ପାଳନ କରାଯାଉଛି। ବାଣେଶ୍ୱର ମନ୍ଦିର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ଭାରତର ଗୌରବମୟ ଇତିହାସ ଓ ସଂସ୍କୃତି ସହ ଅଧିକ ସଂଯୁକ୍ତ କରିବାକୁ ପ୍ରୟାସ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମଟି ଆଧ୍ୟାତ୍ମିକତା, ସଂସ୍କୃତି ଓ ଦେଶଭକ୍ତିର ଏକ ସୁନ୍ଦର ସମନ୍ୱୟ ସୃଷ୍ଟି କରିଥିଲା।

ଡିଏଚ୍‌ଏଚ୍‌ରେ ଟିଟାନସ୍ ଅଭାବ ଅଭିଯୋଗ

ରୋଗୀଙ୍କୁ ବାହାରୁ ଇଞ୍ଜେକ୍ସନ୍ କିଣିବାକୁ ପରାମର୍ଶ, ରାତିରେ ବଢ଼ୁଛି ଅସୁବିଧା

ବାଲେଶ୍ୱର : ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ ଟିଟାନସ୍ ଇଞ୍ଜେକ୍ସନ୍ ଅଭାବକୁ ନେଇ ରୋଗୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଦୁର୍ଘଟଣାଗ୍ରସ୍ତ ଓ କ୍ଷତାକ୍ତ ରୋଗୀମାନେ ଚିକିତ୍ସା ପାଇଁ ଡାକ୍ତରଖାନାକୁ ଆସୁଥିବାବେଳେ "ଟିଟାନସ୍ ଷ୍ଟକ୍ ନାହିଁ, ବାହାରୁ କିଣନ୍ତୁ" ବୋଲି କୁହାଯାଉଥିବା ଅଭିଯୋଗ ହୋଇଛି। ବିଶେଷ କରି ଦୁର୍ଘଟଣା, କଟା-ଛେଦା କିମ୍ବା କ୍ଷତ ସମସ୍ୟାରେ ସଂକ୍ରମଣ ରୋକିବା ପାଇଁ ଟିଟାନସ୍ ଇଞ୍ଜେକ୍ସନ୍ ଅତ୍ୟାବଶ୍ୟକ ହୋଇଥାଏ। ହେଲେ ଗତ ଦୁଇ ଦିନ ଧରି ଡିଏଚ୍‌ଏଚ୍‌ରେ ଏହା ନମିଳିବାରୁ ଅନେକ ରୋଗୀଙ୍କୁ ବାହାର ଔଷଧ ଦୋକାନରୁ ଇଞ୍ଜେକ୍ସନ୍ କିଣିବାକୁ ପଡୁଛି। ଦିନ ସମୟରେ ଔଷଧ ମିଳୁଥିଲେ ବି ରାତିରେ ଦୋକାନ ବନ୍ଦ ହୋଇଯାଉଥିବାରୁ ରୋଗୀମାନେ ଅଧିକ ହଇରାଣ ହେଉଛନ୍ତି। ସାରଗାଁ ଅଞ୍ଚଳର ଦୀପକ କୁମାର ବେହେରା କହିଛନ୍ତି ଯେ,



ରବିବାର ରାତିରେ ଏକ ଦୁର୍ଘଟଣା ପରେ ଆହତ ବ୍ୟକ୍ତିଙ୍କୁ ଡିଏଚ୍‌ଏଚ୍‌କୁ ନିଆଯାଇଥିଲା। ଆମ୍ବୁଲାନ୍ସ ନମିଳିବାରୁ ନିଜସ୍ୱ ଗାଡ଼ିରେ ରୋଗୀଙ୍କୁ ନେଇଯିବାକୁ ପଡ଼ିଥିଲା। ଡାକ୍ତର ଚିକିତ୍ସା ସହ ଟିଟାନସ୍ ଲେଖିଥିଲେ ବି ଡାକ୍ତରଖାନା କର୍ମଚାରୀ ଟିଟି ନଥିବା କହିଥିଲେ। ପରେ ବାହାରୁ ଇଞ୍ଜେକ୍ସନ୍ କିଣି ରୋଗୀଙ୍କୁ ଦିଆଯାଇଥିଲା। ସେ କହିଛନ୍ତି, ଯଦି ଜଣେ ପୁଲିସ ଅଧିକାରୀ ଏଭଳି ଅସୁବିଧାରେ ପଡୁଛନ୍ତି, ତେବେ ସାଧାରଣ ଲୋକଙ୍କ ଅବସ୍ଥା କେମିତି ହେଉଥିବ ତାହା ସହଜରେ ଅନୁମାନ କରାଯାଇପାରେ। ଏହାକୁ ନେଇ ଡିଏଚ୍‌ଏଚ୍ ଏଡିଏମ୍‌ଓ ଡା. ଗିରିଜା ଶଙ୍କର ଦାସ କହିଛନ୍ତି ଯେ, ବର୍ତ୍ତମାନ ଡାକ୍ତରଖାନାରେ ଟିଟାନସ୍ ଉପଲବ୍ଧ ରହିଛି। କିଛି ନୂତନ କର୍ମଚାରୀ ସଠିକ୍ ସୂଚନା ନଜାଣିଥିବାରୁ ଏପରି ଅସୁବିଧା ସୃଷ୍ଟି ହୋଇଥାଇପାରେ। ଯେଉଁ ସବୁ ଇଞ୍ଜେକ୍ସନ୍ ଅଭାବ ରହିଛି, ସେଗୁଡ଼ିକ ଶୀଘ୍ର ଆଣାଯିବ ଏବଂ ଆଗାମୀ ଦିନରେ ରୋଗୀମାନଙ୍କୁ ନିରାଶ କରାଯିବ ନାହିଁ ବୋଲି ସେ କହିଛନ୍ତି।

ସଫଳତା ର ଅନ୍ୟ ନାମ 'ମୁନି ଓରାମ'

ମହିଳା କିକ୍ ବକ୍ସିଂରେ ରାଜ୍ୟ ସ୍ତରୀୟ ଚାମ୍ପିୟନ୍

ବଣାଇଁ : ପୁଣି ଥରେ ସଫଳତା ସାଉଁଟିଛନ୍ତି ବଣାଇଁ ମାଟିର ଝିଅ ମୁନି ଓରାମ। ଚଳିତ ମାସ ୬ ତାରିଖ ରୁ ୯ ତାରିଖ ପର୍ଯ୍ୟନ୍ତ ଗଞ୍ଜାମ ଜିଲ୍ଲା ର ବିଜୁ ପଟ୍ଟନାୟକ ବହୁମୁଖୀ ଇନ୍ ଡୋର ଷ୍ଟାଡିୟମ୍ ରେ ଆୟୋଜିତ ୭ମ ୱାକୋ ଆମେଚ୍ୟୁର କିକ୍ ବକ୍ସିଂ ଚାମ୍ପିୟାନସିପ୍-୨୦୨୬ ର ମହିଳା ବର୍ଗ ରେ ରାଜ୍ୟ ସ୍ତର ରେ ପ୍ରଥମ ସ୍ଥାନ ହାସଲ କରି ବଣାଇଁ ମାଟି ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ମୁନି। ମୁନି ଓରାମ ଙ୍କ ଏହି ସଫଳତା ପାଇଁ ବଣାଇଁ ବାସୀ ତାଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କ୍ରୀଡ଼ା କ୍ଷେତ୍ର ରେ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ନିଜ ପ୍ରଚେଷ୍ଟା ରେ ଦେଶୀ ଯୁଗାଡ ବ୍ୟବହାର କରି ଅଭ୍ୟାସ କରୁଥିବା ମୁନି ପୂର୍ବ ରୁ ରାଜ୍ୟ ତଥା ଜାତୀୟ ସ୍ତର ରେ ମହିଳା କିକ୍ ବକ୍ସିଂ ରେ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରି ସମସ୍ତ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କର ଏହି ସଫଳତାର ଯାତ୍ରା ରେ ସହଯୋଗ ର ହାତ ବଢ଼ାଇଥିବା ଟେନସା ନିକଟସ୍ଥ ଏମ୍ ଏସ ଗୀତାରାଣୀ ମହାନ୍ତି ମାଇନ୍ସ ର ପ୍ରବନ୍ଧକ ବିଭୂତି ଭୂଷଣ ସାହୁ, ପିଆରଭି ଜିମ୍ ଲହୁଣୀପଡ଼ା ର ମାଲିକ ରାକେଶଜୈସ୍ୱାଲ, କୃପାଶଙ୍କର ପ୍ରସାଦ, ସୁନ୍ଦରଗଡ ଜିଲ୍ଲା କିକ୍ ବକ୍ସିଂ ସଂଗଠନ ର ସଚିବ ବିଚିତ୍ର ନାରାୟଣ ଜେନା ଓ କୋଚ୍ ଅଶୋକ କୁଅଁର ତଥା ଖେଳିବା ପାଇଁ ଉତ୍ସାହିତ କରୁଥିବା ସମସ୍ତ ବଣାଇଁ ବାସୀ ଙ୍କୁ ମୁନି ଓରାମ କୃତଜ୍ଞତା ଜଣାଇଛନ୍ତି।

ଓରିଅନ କ୍ରିକେଟ କ୍ଲବର ଜେପିଏଲ - ୩ ଆରମ୍ଭ

ଜୟପୁର : କୋରାପୁଟ ଜିଲ୍ଲା ଜୟପୁରରେ ଓରିଅନ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଜେପିଏ ଲ -୩ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଦଶହରା ପଡିଆଠାରେ ଆରମ୍ଭ ହୋଇଛି । ବିଗତ ଦୁଇ ବର୍ଷ ଧରି ଜୟପୁର ପ୍ରିମିୟର ଲିଗ ସଫଳ ଭାବେ ଆୟୋଜନ କରି ସୁନାମ ଅର୍ଜନ କରିଥିବା ଓରିଅନ କ୍ରିକେଟ କ୍ଲବ ଚଳିତ ବର୍ଷ ମଧ୍ୟ ବ୍ୟାପକ ଆୟୋଜିତ କରିଛି । ଏଥିରେ ଓଡିଶା ସହ ପଡୋଶୀ ଛତିଶଗଡ଼ର ବିଭିନ୍ନ କ୍ରିକେଟ

କ୍ଲବ ଅଂଶଗ୍ରହଣ କରିଛନ୍ତି । ଉଦ୍ଘାଟନ ଉତ୍ସବରେ ଜୟପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଉପଖଣ୍ଡ କ୍ରୀଡା ସଂସଦ ସମ୍ପାଦକ ରବି ନାୟକ, ବିଜେଡି ବରିଷ୍ଠ ନେତା ବାଲା ରାୟ, ବ୍ୟବସାୟୀ ସୂର୍ଯ୍ୟ ପଟ୍ଟନାୟକ,ସମାଜସେବି ସୁବାସ ରାଉତ ଏବଂ ଆୟୋଜକ ବାବୁଲା ରାଉତ ଅତିଥି ଭାବେ ମଞ୍ଚାସିନ ଥିଲେ । ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ ଓ ରିବନ କାଟି ଟୁର୍ଣ୍ଣାମେଣ୍ଟର ଶୁଭାରମ୍ଭ କରିଥିଲେ । ପ୍ରଥମ ମ୍ୟାଚ ସନରାଇଜ ସୁପର କିଙ୍ଗସ ଓ ସୁକୁମା ନାଇଟ ରାଇଡର୍ସ ମଧ୍ୟରେ ଖେଳାଯାଇଥିଲା । ଏହି ଲିଗ ମ୍ୟାଚ ୧୩ ତାରିଖରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଆୟୋଜକ ବାବୁଲା ରାଉତ କହିଛନ୍ତି ଯେ, ଚଳିତ ବର୍ଷ ଛତିଶଗଡ ଦଳମାନେ ଭାଗ ନେଇଥିବା ବେଳେ ଆଗାମୀ ବର୍ଷ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ବିହାର ଓ ପଶ୍ଚିମବଙ୍ଗର କ୍ଲବମାନଙ୍କୁ ସାମିଲ କରି ଜେପିଏ ଲ କୁ ରାଷ୍ଟ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ପରିଣତ କରିବାକୁ ଯୋଜନା ରହିଛି । ସ୍ଥାନୀୟ କ୍ରୀଡ଼ାବିତଙ୍କ ସହ କ୍ରିକେଟ ଖେଳାଳି ସଚ୍ଚିଦାନନ୍ଦ ପରିଡା ମଧ ଏହି ଟୁର୍ଣ୍ଣାମେଣ୍ଟକୁ ସମ୍ପୂର୍ଣ୍ଣ ସହଯୋଗ କରୁଥିବ ଦେଖାଯାଇଛି।

ଦୃଷ୍ଟିହୀନଙ୍କୁ ମିଳୁନି ଅନ୍ତଦ୍ୟୋୟ ଘର ଟଙ୍କା

ହାଟଡିହିରେ ଫେଲ ମାରୁଛି ଅନ୍ତଦ୍ୟୋୟ ଯୋଜନା

ହାଟଡିହି : ଆର୍ଥିକ ଓ ସାମାଜିକ କ୍ଷେତ୍ରରେ ଅନଗ୍ରସର ବ୍ୟକ୍ତି ବିଶେଷଙ୍କୁ ପକ୍କା ଘର ଯୋଗାଇଦେବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ତରଫରୁ ୨୦୨୫ ମସିହା ମାର୍ଚ୍ଚ ମାସରେ ଅନ୍ତୋଦୟ ଗୃହ ଯୋଜନାର ଶୁଭାରମ୍ଭ ହୋଇଥିଲା । ପ୍ରାକୃତିକ ଅଥବା ମନୁଷ୍ୟକୃତ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ପରିବାର, ବିଭିନ୍ନ ସରକାରୀ ପ୍ରକଳ୍ପ ହେତୁ ବିସ୍ଥାପିତ ହୋଇଥିବା ପରିବାର, ଭିନ୍ନକ୍ଷମ ବ୍ୟକ୍ତି ମୁଖ୍ୟ ଉପାର୍ଜନକାରୀ ହୋଇଥିବା ପରିବାର, ଜଙ୍ଗଲ ଅଧିକାର ଆଇନ ହିତାଧିକାରୀ ପରିବାର ଏବଂ ପ୍ରଚଳିତ ଗୃହ ନିର୍ମାଣ ଯୋଜନାରେ ଉପକୃତ ହୋଇ ନ ଥିବା ଯୋଗ୍ୟ ପରିବାରବର୍ଗଙ୍କୁ ଏହି ଯୋଜନାରେ ପକ୍କାଘର ଯୋଗାଇ ଦିଆଯିବା ପାଇଁ ଧାର୍ଯ୍ୟ ହୋଇଥିଲା । କିନ୍ତୁ, ବିଭାଗ ତଥା କର୍ମଚାରୀଙ୍କ ଅବହେଳା ଯୋଗୁଁ ଏହି ଯୋଜନାର ସଫଳ ରୂପାୟନ ହୋଇପାରୁନଥିବା ଅଭିଯୋଗ ହୋଇଛି । ଉଦାହରଣ ସ୍ୱରୂପ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ କୁ ନିଆଯାଉ । ଏହି ବ୍ଲକ ଅନ୍ତର୍ଗତ ଆମ୍ବୋ ପଞ୍ଚାୟତର ବେଗୁନିଆପଦି ଗ୍ରାମର ଦୃଷ୍ଟି ହୀନ ସୁଶାନ୍ତ କୁମାର ବେହେରାଙ୍କୁ ୨୦୨୪-୨୫ ଆର୍ଥିକ ବର୍ଷରେ ଏହି ଯୋଜନାରେ ସାମିଲ କରାଯାଇ ଅନ୍ତୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା, ଯାହାର ରେଜିଷ୍ଟ୍ରେସନ ନଂ ହେଉଛି - ଓ୍ୱାର-୨୪-୦୦୯-୦୦୩-ଆରବିଡବ୍ଲ୍ୟୁଏକ୍ସଏସ । ଏହି ଯୋଜନାରେ ହିତାଧିକାରୀଙ୍କୁ (ଶୌଚାଳୟର ଅଞ୍ଚଳକୁ ହିସାବକୁ ନ ନେଇ) ୨୫ ବର୍ଗ ମିଟର ପରିଧି ବିଶିଷ୍ଟ ପକ୍କା ଘର ନିର୍ମାଣ ପାଇଁ ୧ ଲକ୍ଷ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥାଏ । ସୂଚନା ଅନୁଯାଇ, ଭିନ୍ନକ୍ଷମ ସୁଶାନ୍ତଙ୍କୁ ୧୫.୦୫.୨୦୨୫ ରିଖରେ ଗୃହ ନିର୍ମାଣ କରିବାପାଇଁ ପ୍ରଥମ କିସ୍ତି ବାବଦକୁ ୪୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ସରକାରୀ ପ୍ରୋତ୍ସାହନ ମିଳିବାର ୨ ମାସ ମଧ୍ୟରେ ସୁଶାନ୍ତ ଛାତ ପର୍ଯ୍ୟନ୍ତ ଘର ନିର୍ମାଣ କରିଥିଲେ ମଧ ତାଙ୍କୁ ଏପର୍ଯ୍ୟନ୍ତ ୨ୟ କିସ୍ତି ଟଙ୍କା ମିଳିନଥିବା ଅଭିଯୋଗ କରିଛନ୍ତି । ଏହି ଯୋଜନାରେ ଯେଉଁ ହିତାଧିକାରୀ ପ୍ରଥମ କିସ୍ତି ପାଇବାର ୪ ମାସ ଓ ୬ ମାସ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ କରୁଛନ୍ତି, ସେମାନଙ୍କୁ ଯଥାକ୍ରମେ ୨୦ ହଜାର ଟଙ୍କା ଏବଂ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିବାର ବ୍ୟବସ୍ଥା ରହିଛି । ତେଣୁ, ସୁଶାନ୍ତ ସରକାରୀ ପ୍ରୋତ୍ସାହନ ସହ ନିଜର ବ୍ୟକ୍ତିଗତ ଅର୍ଥ ମିଶାଇ ୬ମାସ ମଧ୍ୟରେ ପକ୍କା ଘର ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟ ରଖିଥିଲେ । କିନ୍ତୁ, ତାଙ୍କୁ ୨ୟ କିସ୍ତି ନମିଳିବାରୁ ଗୃହ ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟରେ ସମ୍ପୂର୍ଣ୍ଣ କରିପାରିନଥିବା ଅଭିଯୋଗ କରିଛନ୍ତି । ଛାତ ପର୍ଯ୍ୟନ୍ତ ଗୃହ ନିର୍ମାଣ ସାରିଥିଲେ ମଧ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ଘର ଫଟୋ ଉଠାଇବା ପାଇଁ ଆସୁନାହାନ୍ତି କି ୨ୟ କିସ୍ତି ଅର୍ଥ ପ୍ରଦାନ କରୁନଥିବା କ୍ଷୋଭର କହିଛନ୍ତି । ସରକାରୀ ପ୍ରୋତ୍ସାହନ ରାଶି ପାଇବାପାଇଁ ଭିନ୍ନକ୍ଷମ ସୁଶାନ୍ତ ବାରମ୍ବାର ପଞ୍ଚାୟତ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନିରାଶ ହେବା ପରେ ଏସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିବେ ବୋଲି କହିଛନ୍ତି ।

ଦୀର୍ଘ ୫ ଘଣ୍ଟା ପରେ ହଟିଲା ରାସ୍ତା ଅବରୋଧ

୧୫ କିମି ସାଇକେଲରେ ମୃତଦେହ ଆଣି ଖଇରା ଥାନା ସମ୍ମୁଖରେ ପ୍ରତିବାଦ

ବାଲେଶ୍ୱର : ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅନ୍ତର୍ଗତ ହରିପୁର ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଘଟିଥିବା ହତ୍ୟାକାଣ୍ଡ ପରେ ମଙ୍ଗଳବାର ଉତ୍ତେଜନା ଦେଖାଦେଇଥିଲା। ମୃତକ କମଳା ସେଠିଙ୍କ ପରିବାର ଓ ଗ୍ରାମବାସୀମାନେ ନ୍ୟାୟ ଦାବିରେ ମୃତଦେହକୁ ସାଇକେଲରେ ପ୍ରାୟ ୧୫ କିମି ବୁହାଇ ଖଇରା ଥାନା ସମ୍ମୁଖକୁ ଆଣି ରାସ୍ତା ଅବରୋଧ କରିଥିଲେ। ପ୍ରାୟ ୫ ଘଣ୍ଟା ଧରି ଏହି ଅବରୋଧ ଜାରି ରହିଥିଲା।ସୂଚନା ଅନୁସାରେ, ହରିପୁର ଗ୍ରାମରେ ଘର ଛାତ ପକାଇବାକୁ ନେଇ ଦୁଇ ପରିବାର ମଧ୍ୟରେ ପୂର୍ବରୁ ଜମିବାଡ଼ି ବିବାଦ ଲାଗିରହିଥିଲା। ଗତ ୧୦ ତାରିଖରେ ଏହି ବିବାଦ ଉତ୍ତେଜନାର ରୂପ ନେଇଥିଲା। ଅଭିଯୋଗ ଅନୁଯାୟୀ, ମାନସ ଜେନାଙ୍କ ପରିବାର ଲୋକ ସୁରେନ୍ଦ୍ର ସେଠିଙ୍କ ପରିବାର ଉପରେ କଟୁରୀରେ ଆକ୍ରମଣ କରିଥିଲେ। ଏଥିରେ ସୁରେନ୍ଦ୍ରଙ୍କ ଭଉଣୀ କମଳା ସେଠିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଶକୁନ୍ତଳା ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଘଟଣା ପରେ ଖଇରା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ ଚାଲାଇଥିଲେ ମଧ ଅନ୍ୟ ଆକ୍ରମଣକାରୀଙ୍କୁ ଗିରଫ କରାଯାଇନଥିବାରୁ ପରିବାର ଲୋକ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାର ପ୍ରତିବାଦରେ ସେମାନେ କମଳାଙ୍କ ମୃତଦେହକୁ ସାଇକେଲରେ ବାନ୍ଧି ହରିପୁରରୁ ଖଇରା ଥାନା ପର୍ଯ୍ୟନ୍ତ ଆଣିଥିଲେ। ମୃତଦେହକୁ ସାଇକେଲରେ ବୁହାଯାଇଥିବା ଦୃଶ୍ୟ ଅତ୍ୟନ୍ତ ହୃଦୟବିଦାରକ ଥିଲା।ଖବର ପାଇ ବାଲେଶ୍ୱର ଏସପି ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଏସପି ନୀରଞ୍ଜନ ବେହେରା, ସଦର ଏସଡିପିଓ ଶୁଭାଂଶୁ ଶେଖର ନାୟକ, ଖଇରା ତହସିଲଦାର, ଅତିରିକ୍ତ ତହସିଲଦାର ଓ ଖଇରା ଆଇଆଇସି ଜନ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ। ଲୋକମାନଙ୍କ ସହ ଆଲୋଚନା କରି ଖୁବଶୀଘ୍ର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ପୂର୍ବରୁ ଲାଗିରହିଥିବା ଜମିବାଡ଼ି ବିବାଦର ସମାଧାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶୃତି ଦିଆଯାଇଥିଲା। ଏସପିଙ୍କ ପ୍ରତିଶୃତି ପରେ ପ୍ରାୟ ୫ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା।

୩ ଦିନିଆ ଜିଲ୍ଲାସ୍ତରୀୟ କ୍ଷମତା ବିକାଶ ଓ ବଜାର ସଚେତନତା କର୍ମଶାଳା

ବାଲେଶ୍ୱର : ବାଲେଶ୍ୱର ଜିଲ୍ଲାରେ ଓରମାସ ଓ ମିଶନ ଶକ୍ତିର ସହଯୋଗରେ ଆୟୋଜିତ ୩ ଦିନିଆ ଜିଲ୍ଲାସ୍ତରୀୟ ବାସଗୃହ ଭିତ୍ତିକ "କ୍ଷମତା ବିକାଶ ଓ ବିପଣନ ସଚେତନତା କର୍ମଶାଳା"ର ଶୁଭ ଉଦଘାଟନ ଆଜି ଜିଲ୍ଲାପାଳ ଓ ଜିଲ୍ଲା ମଜିଷ୍ଟ୍ରେଟ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଦ୍ୱାରା କରାଯାଇଛି। ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ କମ୍ୟୁନିଟି ଭିତ୍ତିକ ସଂଗଠନ (CBOs), ପ୍ରୋଡ୍ୟୁସର ଗ୍ରୁପ୍ (PGs), ପ୍ରୋଡ୍ୟୁସର କମ୍ପାନୀ (PCs), ଫାର୍ମର ପ୍ରୋଡ୍ୟୁସର ଅର୍ଗାନାଇଜେସନ୍ (FPOs) ଏବଂ ରୁରାଲ ପ୍ରୋଡ୍ୟୁସର ଇନଷ୍ଟିଟ୍ୟୁସନ/କ୍ଲଷ୍ଟର (RIPCs)ରୁ ମୋଟ ୬୦ ଜଣ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି। କର୍ମଶାଳାର ମୁଖ୍ୟ ଲକ୍ଷ୍ୟ ହେଉଛି ଗ୍ରାମୀଣ ଉତ୍ପାଦକ ଓ କାରିଗରମାନଙ୍କର ବିପଣନ କ୍ଷମତା ସହ ଉଦ୍ୟମ ପରିଚାଳନା ଦକ୍ଷତାକୁ ସୁଦୃଢ଼ କରିବା। ପ୍ରଶିକ୍ଷଣ ସମୟରେ ହିସାବ ରକ୍ଷଣ ପ୍ରଣାଳୀ, ପ୍ୟାକେଜିଂ ଓ ବ୍ରାଣ୍ଡିଂ, ବିକ୍ରୟ କୌଶଳ, ଡିଜିଟାଲ ଓ ଇ-କମର୍ସ ମାଧ୍ୟମରେ ବିପଣନ ପ୍ରଣାଳୀ ଭଳି ବିଭିନ୍ନ ବିଷୟରେ ଅଭିଜ୍ଞ ବ୍ୟକ୍ତିଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଉଛି।ଏହି କର୍ମଶାଳା ମାଧ୍ୟମରେ ଗ୍ରାମୀଣ ଉତ୍ପାଦକ ଗୋଷ୍ଠୀମାନଙ୍କୁ ବ୍ୟବହାରିକ ଜ୍ଞାନ ଓ ଆଧୁନିକ ବିପଣନ କୌଶଳ ପ୍ରଦାନ କରାଯାଇ ସେମାନଙ୍କ ଉତ୍ପାଦକୁ ବ୍ୟାପକ ବଜାର ସହ ଯୋଡ଼ିବା ସହ ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବା ଲକ୍ଷ୍ୟ ରହିଛି।

ବିଦେଶୀ ମଦ ଦୋକାନର ଅନିୟମିତତା

ଅଧିକ ଦର ଓ ଅନୁକମ୍ପା ଅଭିଯୋଗରେ ତଦନ୍ତ ଦାବି

ଜୟପୁର : ମଦ ଦୋକାନର ଅନିୟମକୁ ନେଇ ଲୋକଙ୍କ ଅସନ୍ତୋଷ ।ଜୟପୁରରେ ବିଦେଶୀ ମଦ ବିକ୍ରୟକୁ ନେଇ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି । ସହରର କିଛି ମଦ ଦୋକାନରେ ନିର୍ଧାରିତ ଦରଠାରୁ ୨୦ ରୁ ୩୦ ଟଙ୍କା ଅଧିକ ନବା ସହିତ ବିୟର ଥଣ୍ଡା କରିବା କରିବା ନାମରେ ଅତିରିକ୍ତ ଟଙ୍କା ଗ୍ରହଣ କରାଯାଉଥିବା ଅଭିଯୋଗ ହୋଉଛି । ଅବକାରୀ ଅଧିକାରୀ ମାନେ ସବୁ ଜାଣିଶୁଣି ଚୁପ ବସିଛନ୍ତି । ଏହାକୁ ନେଇ ଜିଲ୍ଲାପାଳ ପ୍ରତିକ୍ରିୟା ରଖିଥିଲି ମୋ ନଜର କୁ ଆସିଲାଣି ଆଉ ସେମିତି ହେବନି କିନ୍ତୁ ତାଙ୍କ କଥାକୁ ବିହାରୀ ମଦବେପାରୀ ମାନେ ଖାତିର କରୁନାହାନ୍ତି । ବିଲ ମାଗିଲେ ଗ୍ରାହକଙ୍କୁ ଧମକ ଦେବା ଘଟଣା ମଧ ଆଗକୁ ଆସିଛି, ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, କିଛି ବିହାରୀ ବ୍ୟବସାୟୀ ଲିଜରେ ଏହି ଦୋକାନ ଚଳାଉଛନ୍ତି ଏବଂ ନିୟମ ଉଲଂଘ୍ନନ କରୁଛନ୍ତି ।ଏହା ସହିତ କିଛି ଅଧିକାରଙ୍କୁ ଅନୁକମ୍ପା ଦେଖାଇବା ଓ ଅବୈଧ ଆର୍ଥିକ ଲେନଦିନ ହେଉଥିବା ଅଭିଯୋଗ ମଧ୍ୟ ଉଠୁଛି,ତା ସହିତ ସବୁ ମଦ ଦୋକାନ୍ୱାଲା ଅସଲି ମଦ କୁ ଆଣି ନକଲି କରି ବିକୁଛନ୍ତି ଓ,ପ୍ରତେକ ଗାଁ ସହିତ ଢ଼ାବା ମାନଂକୁ ନେଇ ଦଉଛନ୍ତି ଯାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଅନ୍ୟପଟେ, ବିଦ୍ୟାଳୟ, ମନ୍ଦିର, ଶ୍ମଶାନ ଓ ବଜାର ନିକଟରେ ମଦ ଦୋକାନକୁ ଲାଇସେନ୍ସ ନ ଦେବା ପାଇଁ ମଧ ଲୋକଙ୍କ ଦାବି ବଢ଼ିଛି । ସହରର ବିଭିନ୍ନ ସ୍ଥାନରେ ଖାଲି ମଦ ବୋତଲ ପଡିଥିବାରୁ ପରିବେଶ ଦୂର୍ଷଣ ନେଇ ମଧ ଚିନ୍ତା ବେକ୍ତ ହୋଉଛି ।ଏହି ସମସ୍ତ ଆଜିଯୋଗକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାରଙ୍କ ତରଫରୁ ସଠିକ ତଦନ୍ତ କରି ଦୋଷୀଙ୍କ ବିରୋଧରେ କଡା ପଦକ୍ଷେପ ନେବାକୁ ସାଧାରଣ ଲୋକ ଦାବି କରିଛନ୍ତି।

ନିର୍ମିତ ହେବ ଅତ୍ୟାଧୁନିକ ASRF ରାଷ୍ଟ୍ରପତି

ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ସାଂସଦ ପ୍ରତାପ ଷଡଙ୍ଗୀ

ବାଲେଶ୍ୱର : ବାଲେଶ୍ୱରରେ ଅତ୍ୟାଧୁନିକ ASRF (Atmospheric Space Research Facility) ନିର୍ମାଣ ହେବାକୁ ଯାଉଛି। ଏନେଇ ବାଲେଶ୍ୱର ସର୍କିଟ ହାଉସ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ସୂଚନା ଦେଇଛନ୍ତି। ସାଂସଦ ଶ୍ରୀ ଷଡଙ୍ଗୀ କହିଛନ୍ତି ଯେ, ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନସ୍ଥ ଡିଆରଡିଓ ଦ୍ୱାରା ଚାନ୍ଦିପୁରସ୍ଥିତ ପ୍ରାୟ ୧୯.୨୫ ଏକର ପ୍ରତିରକ୍ଷା ଜମିକୁ ଇସ୍ରୋକୁ ଲିଜ୍‌ରେ ପ୍ରଦାନ କରାଯାଇଛି। ଏହି ଜମି ପାଇଁ ବାର୍ଷିକ ମାତ୍ର ୧ ଟଙ୍କା ନାମମାତ୍ର ଲିଜ୍ ଭଡ଼ା ଧାର୍ଯ୍ୟ କରାଯାଇଛି। ପ୍ରାରମ୍ଭିକ ଭାବେ ୩୦ ବର୍ଷ ପାଇଁ ଏହି ଲିଜ୍ ଦିଆଯାଇଥିବା ବେଳେ ପରେ ଆହୁରି ଦୁଇଥର ୩୦ ବର୍ଷ ଲେଖାଏଁ ବୃଦ୍ଧି କରାଯାଇପାରିବ। ଭୂବିଜ୍ଞାନ, ଡିଆରଡିଓ ଓ ଇସ୍ରୋର ମିଳିତ ସହଯୋଗରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ। ପ୍ରମାଣଭିତ୍ତିକ ଗବେଷଣା ତଥ୍ୟ ସଂଗ୍ରହ, ଜ୍ଞାନ ବିନିମୟ ଓ ବୈଜ୍ଞାନିକ ସହଯୋଗକୁ ସୁଦୃଢ କରିବାରେ ଏହି ଗବେଷଣା କେନ୍ଦ୍ର ଦେଶକୁ ନୂଆ ଦିଗ ଦେବ ବୋଲି ସାଂସଦ କହିଛନ୍ତି।ଏହି ପ୍ରକଳ୍ପ ଉପକୂଳ ଅଞ୍ଚଳର ଜନଜୀବନ ଓ ପରିବେଶ ସୁରକ୍ଷା ସହିତ ଜଳବାୟୁ ପରିବର୍ତ୍ତନ ଓ ମହାକାଶରେ ଉପଗ୍ରହ ସମ୍ବନ୍ଧୀୟ ଚ୍ୟାଲେଞ୍ଜ ମୁକାବିଲାରେ ବେଶ ସହାୟକ ହେବ ବୋଲି ସେ କହିଛନ୍ତି। ଏଭଳି ମହତ୍ୱାକାଙ୍କ୍ଷୀ ପ୍ରକଳ୍ପକୁ ସମର୍ଥନ ଓ ପ୍ରୋତ୍ସାହନ ପ୍ରଦାନ କରିଥିବାରୁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଓ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର କୁମାର ସିଂହଙ୍କୁ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ବିଶେଷ

ଧନ୍ୟବାଦ ଜଣାଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ପ୍ରବକ୍ତା ଇଂ. ବିଭୂପଦ ଦାସ ପ୍ରାରମ୍ଭିକ ସୂଚନା ସହ ମଞ୍ଚ ସଞ୍ଚାଳନ କରିଥିଲେ। ଏଥିରେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ଓ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଉପସ୍ଥିତ ଥିଲେ।

କୋଟପାଡ଼ ଠାରେ ଜିଲ୍ଲାସ୍ତରୀୟ କଳା ସଂସ୍କୃତି ବୈଠକ

କୋଟପାଡ଼ : କୋଟପାଡ଼ ଦଶହରା ପଡିଆ ଠାରେ ଶାବର ଶ୍ରୀକ୍ଷେତ୍ର କଳା ସଂସ୍କୃତି କୋଟପାଡ଼ ବ୍ଲକ ପକ୍ଷରୁ ଗୋଟିଏ ସାଂସ୍କୃତିକ ବାତାବରଣରେ ପ୍ରକମ୍ପିତ ହେଉଥିବା ଦେଖିବାକୁ ମିଳିଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବସ୍ତର ସାଂସଦ ମହେଶ କଶ୍ୟପ,ମୁଖ୍ୟ ବକ୍ତା ଭାବରେ ଗଣେଶ ଆଚାର୍ଯ୍ୟ, ସନ୍ମାନିତ ଅତିଥି ଭାବରେ କୋଟପାଡ଼ ବିଧାୟକ ରୁପୁ ଭତରା, ସାଂସଦ ପ୍ରତିନିଧି ଚନ୍ଦ୍ରଶେଖର ଦାସ,କଳାକାର ଜିଲ୍ଲା ସଭାପତି ଆଦିତ୍ୟ ସାହୁ ମଞ୍ଚ ବିରାଜ ମାନ ଥିଲେ,ମଞ୍ଚ ତଳରେ ସାଂସଦ ପ୍ରତିନିଧି ରାମେଶ୍ୱର ଜେନା, ପ୍ରଦୀପ ରଥ,ବିଧାୟକ ପ୍ରତିନିଧି ସୁରେନ ମହାନ୍ତିଙ୍କ ସହିତ ସମସ୍ତ ଦଳୀୟ କର୍ମୀମାନେ ଉପସ୍ଥିତ ଥିଲେ, ବିଶେଷ କରି କୋଟପାଡ଼ ଅଞ୍ଚଳର ଆଖପାଖରୁ ଉପାନ୍ତ ଅଞ୍ଚଳରୁ ହଜାର ହଜାର କଳାକାର ମାନେ ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜଗତର ନାଥ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଦ୍ୱୀପ ପ୍ରଜ୍ୱଳନ ସହିତ ଆରମ୍ଭ ହୋଇଥିଲା। ସୂଚନା ଥାଉକି କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାମ ନାମ ସଂକୀର୍ତ୍ତନ ସହିତ ନଗର ପରିକ୍ରମାରେ ସୁନ୍ଦର ଆଧାତ୍ମିକ ବାତାବରଣ ସହ କୋଟପାଡ଼ ସହର ପ୍ରକମ୍ପିତ ହେବାର ଦେଖିବାକୁ ମିଳିଥିଲା। ଆଜିର ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଗୌର ଦେୱାନ ମଞ୍ଚ ପରିଚାଳନା କରିଥିଲେ, ବିଶେଷ କରି କଳାକାରଙ୍କ ଭତ୍ତା, ବିଭିନ୍ନ

ସ୍ଥାନରେ ଭାଗବତ ଟୁଙ୍ଗୀ ସ୍ଥାପନ ସହିତ ଯୋଗ୍ୟ ହିତାଧିକାରୀ ମାନଙ୍କୁ କଳାକାର ପେନସନ ପାଇଁ ମଧ ଜିଲ୍ଲା କଳାକାର ସଭାପତି ଆଦିତ୍ୟ ସାହୁ ମଞ୍ଚ ଉପରେ ବିଧାୟକଙ୍କୁ ଅନୁରୋଧ କରିଥିଲେ। ବିଧାୟକ ମଧ ଆଗାମୀ ଦିନରେ ବିଧାନସଭାରେ ଉପସ୍ଥାପନା ସହିତ ନିଶ୍ଚୟ ସମସ୍ତ କଳାକାର ମାନଙ୍କୁ ସହଯୋଗ କରାଯିବ ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ। ବସ୍ତର ସାଂସଦ ଶ୍ରୀଯୁକ୍ତ ମହେଶ କଶ୍ୟପ ନିଜ ଅଭିଭାଷଣରେ କଳାକାର ଓ ହିନ୍ଦୁତ୍ୱ ବଞ୍ଚେଇବାର ଅଛି ତୋ ଏକତା ନିହାତି ଆବଶ୍ୟକ। ସମସ୍ତେ ମିଳିମିଶି ଏହିପରି କାର୍ଯ୍ୟକ୍ରମ ସବୁବେଳେ ଆୟୋଜନ କରି ଆଧାତ୍ମିକ ଜାଗୃତି ଦ୍ୱାରା ନିଶ୍ଚିତ ସଫଳ ହେବ ବୋଲି ପ୍ରକାଶ କରିଥିଲେ। ପଡୋଶୀ ରାଜ୍ୟ ଛତିଶଗଡର ସଦା ସର୍ବଦା ସହଯୋଗ ରହିବା ସହ ସମସ୍ତ ଉପସ୍ଥିତ କଳାକାର ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ପ୍ରଦାନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଉପସ୍ଥିତ କଳାକାର ମାନଙ୍କୁ ଉପଢ଼ୌକନ ଓ ମାନପତ୍ର ଉପସ୍ଥିତ ଅତିଥି ମାନଙ୍କ କର କମଳରେ ପ୍ରଦାନ କରାଯାଇଥିଲା।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati   Executive Editor : Satyajit Mohapatra   Managing Editor : Jitendra Ku. Pati